ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୩ ଏପ୍ରିଲ ୨୦୨୩



## ସଂକ୍ଷେପରେ

### ନିର୍ଭୀକ ହୋଇ କାର୍ଯ୍ୟ କର

**ଢେଙ୍କାନାଳ ଅଫିସ, ୨୨।୪:** ଢେଙ୍କାନାଳ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ଜିଲା କାର୍ଯ୍ୟାଳୟରେ ସକ୍ରିୟ କର୍ମୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଆବାହକ ପଙ୍କଜ ନାୟକଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଯୋଗଦେଇ ବୁଥ୍‌ସ୍ତରରୁ ସଙ୍ଗଠନକୁ ମଜଭୁତ୍ କରିବା ସହ ନିର୍ଭୀକ ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ଏପ୍ରିଲ୍ ୩୦ରେ ଭୁବନେଶ୍ୱରରେ ଦିନିକିଆ ପ୍ରଶିକ୍ଷଣ ଶିବିର ଆୟୋଜନ ହେବ। ଦଳର ରାଜ୍ୟସଭା ସଦସ୍ୟ ସନ୍ଦୀପ ପାଠକ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଶିବିରରେ ବହୁ ସଂଖ୍ୟାରେ ଯୋଗଦେବାକୁ ନିବେଦନ କରାଯାଇଛି। ବୈଠକରେ ସ୍ନେହଲତା ମହାନ୍ତି, ଜିତେନ୍ଦ୍ର ବେହେରା, ରମେଶ ପଣ୍ଡା, ବିଭୁ ରଞ୍ଜନ ସାହୁ, ବିକ୍ରମ ରାଉତ, ଶରତ ଗିରି, ରାଜକୁମାର ପ୍ରଧାନ, ମନୋରଞ୍ଜନ ପାଳ, ରଞ୍ଜନ ସାହୁ, ଶେଷଦେବ ବେହେରା, ପ୍ରକାଶ ଭୂତିଆ, ମଧୁସୂଦନ ମଳିକ, ବିଷ୍ଣୁ ପ୍ରସାଦ ପଣ୍ଡା, ରଞ୍ଜୁବାଳା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### ଗୀତାଜ୍ଞାନ ଯଜ୍ଞ

**ଢେଙ୍କାନାଳ ଅଫିସ, ୨୨।୪:** ଢେଙ୍କାନାଳ ଶ୍ରୀମଦ୍ ଭାଗବତ ପରିଷଦ ଆନୁକୂଲ୍ୟରେ ଦଧିବାମନଜୀଉ ଆଶ୍ରମ ପରିସରରେ ଗୁରୁବାରଠାରୁ ଆରମ୍ଭ ହୋଇଛି ଗୀତାଜ୍ଞାନ ଯଜ୍ଞ। ଭୁବନେଶ୍ୱର ଗୀତା ଆଶ୍ରମର ଆଚାର୍ଯ୍ୟ ସ୍ୱାମୀ ଜଗଦୀଶାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ଆସନ୍ତା ୨୫ ତାରିଖ ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀରେ ଏହା ଉଦ୍‌ଯାପିତ ହେବ। ଈଶ୍ୱରଙ୍କ ସ୍ୱରୂପ, ଜୀବର ସ୍ଥିତି, ଗତି, ମୁକ୍ତି, ଦୁଃଖପୂର୍ଣ୍ଣ ଜୀବନରୁ ମୁକ୍ତିର ଉପାୟ ଭଳି ବିଭିନ୍ନ ବିଷୟରେ ଆଲୋଚନା କରାଯିବ। କାର୍ଯ୍ୟକ୍ରମ ଶ୍ରବଣ ଲାଗି ବହୁସଂଖ୍ୟାରେ ଗୀତାପ୍ରେମୀଙ୍କ ସମାଗମ ହେଉଛି।

### ଉତ୍ଫୁନାର ଆଲୋଚନାଚକ୍ର

**ଢେଙ୍କାନାଳ ଅଫିସ, ୨୨।୪:** ଢେଙ୍କାନାଳ ରଥଗଡ଼ାସ୍ଥିତ ଉତ୍ଫୁନା କାର୍ଯ୍ୟାଳୟରେ 'ସମ୍ବିଧାନ ବଞ୍ଚିବ ତ?' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ରାଜ୍ୟ ଅଧକ୍ଷ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଏସ୍. ନାଇଡୁ, ପୂର୍ବତନ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ ଆଭାସୀ ମାଧ୍ୟମରେ ଯୋଡ଼ିହୋଇ ସାମ୍ବିଧାନିକ ସଙ୍କଟ, ଏହାର କାରଣ, ନିରାକରଣ, ଭାରତରେ ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ସରୋଜ ଶତପଥୀ, ସମାଜବାଦୀ ନେତ୍ରୀ ସ୍ମିତାରାଣୀ ସାମଲ, ଆଇନଜୀବୀ ବର୍ଷା ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଭାଗନେଇ ସାମ୍ପ୍ରତିକ ସମୟର ରାଜନୀତି, ଆଇନ ବ୍ୟବସ୍ଥା, ଗଣତନ୍ତ୍ର ସୁରକ୍ଷାରେ ନାଗରିକର ଦାୟିତ୍ୱ ଉପରେ ମତବ୍ୟକ୍ତ କରିଥିଲେ।

# 'ବର୍ଷାଜଳ ସଂରକ୍ଷଣକୁ ଗୁରୁତ୍ୱ ଦିଅ'

## ଢେଙ୍କାନାଳରେ କେନ୍ଦ୍ର ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ

**ଢେଙ୍କାନାଳ ଅଫିସ, ୨୨।୪**

ବର୍ଷାଜଳ ସମୁଦ୍ରକୁ ବୋହିଯାଉଛି। ଏହାର ସଂରକ୍ଷଣ ନିହାତି ଜରୁରୀ। ଏଥିଲାଗି ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଛନ୍ତି କେନ୍ଦ୍ର ସରକାରଙ୍କ ଜନଜାତି ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ। ଢେଙ୍କାନାଳ ଗସ୍ତରେ ଆସିଥିବାବେଳେ ଶନିବାର ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରି ସେ ବର୍ଷାଜଳ ସଂରକ୍ଷଣ ପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ।

ପୁରୁଣା ପୋଖରୀ ପୁନରୁଦ୍ଧାର, ନୂତନ ପୋଖରୀ ଖନନ, ବିଭିନ୍ନ ପ୍ରକଳ୍ପ ଦ୍ୱାରା ଜନଜାତି ବର୍ଗଙ୍କୁ ଅଧିକ ସୁବିଧା ସୁଯୋଗ ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଠିକ୍ କାର୍ଯ୍ୟାନ୍ୱୟନ କରିବା ଲାଗି ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜନପ୍ରତିନିଧିଙ୍କ ସହ ସମନ୍ୱୟ ରଖି ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ନିମନ୍ତେ ଗୁରୁତ୍ୱାରୋପ କରିଛନ୍ତି। ପାହାଡ଼ ପାଦ ଦେଶରେ ବନ୍ଧ ବାନ୍ଧି ଜଳ ସଂରକ୍ଷଣ, ଜଳସେଚନ ବ୍ୟବସ୍ଥାର ସୁପରିଚାଳନା ପାଇଁ ସ୍ଥାନୀୟ ଲୋକଙ୍କୁ ରକ୍ଷଣାବେକ୍ଷଣ ଦାୟିତ୍ୱ ଦେବାକୁ ବୈଠକରେ ଉପସ୍ଥିତ ଏମ୍‌ପି ମହେଶ ସାହୁ ପରାମର୍ଶ ଦେଇଥିଲେ। ଜିଲାପାଳ ସରୋଜ କୁମାର ସେଠୀ ଜିଲାରେ ଅମୃତ ପୋଖରୀ ଖନନ, ବର୍ଷାଜଳ ସଂରକ୍ଷଣ ନିମନ୍ତେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ, ଉଠା ଜଳସେଚନ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଜିଲାରେ ହେଉଥିବା ଜନକଲ୍ୟାଣମୂଳକ କାର୍ଯ୍ୟ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, ଉଦୟ ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ କୁମାର ଦରୱାନଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଢେଙ୍କାନାଳ ସର୍କିଟ ହାଉସ୍‌ରେ ପହଞ୍ଚିବା ପରେ ମନ୍ତ୍ରୀଙ୍କୁ ଭାଜପା ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନୀରୋଜ ନଳିନୀ ମହାଳିକ, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ଜିଲା ସାଧାରଣ ସମ୍ପାଦକ ସୁନୀଲ ଶର୍ମା, ନବକିଶୋର ଗୁରୁ, ବିଷ୍ଣୁ ପ୍ରସାଦ ଲେଙ୍କା, ମାତୃ ପ୍ରସାଦ ନନ୍ଦ, ସନାତନ ବେହେରା, ଇତିଶ୍ରୀ ସାହୁ, ମହାଦୀପ ଯଶୋବନ୍ତ ମହିମା ପ୍ରମୁଖ ଉପସ୍ଥିତ ଥିଲେ।


ସର୍କିଟ୍ ହାଉସଠାରେ କେନ୍ଦ୍ରମନ୍ତ୍ରୀଙ୍କ ସମୀକ୍ଷା।

# ସୋଲଗାଁରେ ଖୋଲିବ ଏକଲବ୍ୟ ସ୍କୁଲ

## ଆଦିବାସୀ ପିଲାଙ୍କ ସ୍ୱପ୍ନ ସାକାର ହେବ

**ପରଜଙ୍ଗ, ୨୨।୪(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲାର ଆଦିବାସୀ ଅଧ୍ୟୁଷିତ କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ ସୋଲଗାଁରେ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ଖୋଲିବ। କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ ଶନିବାର ଏହାର ଭୂମିପୂଜନ କରିଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ କହିଲେ, ଆଦିବାସୀ ପିଲାଙ୍କ ସ୍ୱପ୍ନ ସାକାର କରିବା ଏବଂ ଶିକ୍ଷାର ବିକାଶ ପାଇଁ ସମ୍ପୂର୍ଣ୍ଣ ନବୋଦୟ ଢାଞ୍ଚାରେ ଏହି ଇଂଲିଶ ମାଧ୍ୟମ ମଡେଲ ରେସିଡେନ୍ସିଆଲ ସ୍କୁଲର ପରିକଳ୍ପନା କରାଯାଇଛି। ୧୩ ଏକର ଜମିରେ ନିର୍ମାଣ ହେବାକୁ ଥିବା ଏହି ସ୍କୁଲରେ ୪୮୦ ଆଦିବାସୀ ଛାତ୍ରୀଛାତ୍ର ନିଃଶୁଳ୍କ ଶିକ୍ଷାଲାଭ କରିପାରିବେ। ସେମାନଙ୍କ ଲାଗି ହଷ୍ଟେଲ ସୁବିଧା ମଧ୍ୟ ରହିବ। ଓଡ଼ିଶାରେ ୮୭ଟି ଏକଲବ୍ୟ ମଡେଲ ରେସିଡେନ୍ସିଆଲ ସ୍କୁଲର ପ୍ରାରମ୍ଭିକ ପରିକଳ୍ପନା କରାଯାଇଛି। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରକାଶ କରିଛନ୍ତି।

ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ମହେଶ ସାହୁ, ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ, ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ଉପାଧ୍ୟକ୍ଷା ଦୀପା ସାହୁ, ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ କୁମାର ଦରୱାନ, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ବ୍ଲକ ପ୍ରଶାସନର ଅଧିକାରୀ ଏବଂ ଜନପ୍ରତିନିଧି ଉପସ୍ଥିତ ଥିଲେ। କାମାକ୍ଷାନଗର ଏସ୍‌ଡିପିଓ ରଞ୍ଜନ କୁମାର ଦେଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ରକ୍ଷାରେ ପୋଲିସ ମୁତୟନ ହୋଇଥିଲେ। ଏଥିପୂର୍ବରୁ ମନ୍ତ୍ରୀଙ୍କୁ ଆଦିବାସୀ ନୃତ୍ୟର ତାଳେତାଳେ ସଭାସ୍ଥଳକୁ ପାଛୋଟି ନିଆଯାଇଥିଲା। ବରିଷ୍ଠ ନେତା ବିଭୂତି ଭୂଷଣ ପ୍ରଧାନ, ଅଶୋକ ମହାନ୍ତି ପ୍ରମୁଖ ବହୁ ଭାଜପା ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ବାଦୀପାଲା ଉଦ୍‌ଯାପିତ

**ଢେଙ୍କାନାଳ ଅଫିସ, ୨୨।୪**

ଗଁଦିଆ ବ୍ଲକ ଶ୍ରୀରାମଚନ୍ଦ୍ରପୁର ଆଞ୍ଚଳିକ ବାଦୀପାଲା ପଣ୍ଡପରେ ଚାଲିଥିବା ୩୩ତମ ବାଦୀପାଲା ଉଦ୍‌ଯାପିତ ହୋଇଯାଇଛି। ବିଧାୟକଙ୍କ ପ୍ରତିନିଧି ନିରାକାର ସାହୁ, ଗଁଦିଆ ଥାନାଧିକାରୀ ସତ୍ୟବ୍ରତ ଭୂତିଆ ଏବଂ ସେକେଣ୍ଡ ଅଫିସର ସୁବ୍ରତ ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ଗାୟକ ଯୁବଜ୍ୟୋତି ଦୁର୍ଯ୍ୟୋଧନ ନାୟକ ଏବଂ ଗାୟକ ଜ୍ଞାନଜ୍ୟୋତି ଶରତ ଦଳାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର ସଭାପତି ବିଜୟ ମିଶ୍ର, ସମ୍ପାଦକ ବିଦ୍ୟାଧର ସାହୁ, କୋଷାଧ୍ୟକ୍ଷ ନିତ୍ୟାନନ୍ଦ ପାତ୍ର, ବରିଷ୍ଠ ସଭ୍ୟ ଶତ୍ରୁଘ୍ନ ମିଶ୍ର, ଶ୍ରୀକାନ୍ତ ଭୂତିଆ, ଲୋକନାଥ ଜେନା, ବିମଳ ମିଶ୍ର, ସତ୍ୟାନନ୍ଦ ପାଣି, ଶତ୍ରୁଘ୍ନ ସାହୁ, ନବକିଶୋର ବେହେରା, ଅଧ୍ୟାପକ ବିକାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ପୀତବାସ ପୁହାଣ ଓ ଅନୁଷ୍ଠାନର ସଭାପତି ବିଜୟ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ହରିହର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ସମ୍ପାଦକ ବିଦ୍ୟାଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ।

# ତ୍ରିଲୋଚନଙ୍କ ବିୟୋଗରେ ଶୋକ

**ଢେଙ୍କାନାଳ ଅଫିସ, ୨୨।୪**

ପୂର୍ବତନ ଏମ୍‌ପି ତ୍ରିଲୋଚନ କାନୁନ୍‌ଗୋଙ୍କ ପରଲୋକରେ ଢେଙ୍କାନାଳ ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି ଗଭୀର ଶୋକ ପ୍ରକଟ କରିଛନ୍ତି। ତ୍ରିଲୋଚନ ଥିଲେ ମାଟିର ମଣିଷ। ସେ ଲୋକଙ୍କ ସମସ୍ୟାକୁ ବୁଝିପାରୁଥିଲେ। ଜଣେ ବଳିଷ୍ଠ ରାଜନେତା ଭାବେ ତାଙ୍କର କୃତିତ୍ୱ ସବୁବେଳେ ମନେରହିବ ବୋଲି ରୁଦ୍ରନାରାୟଣ କହିଛନ୍ତି। ଏଥିସହ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

# ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ଢେଙ୍କାନାଳ ଅଫିସ, ୨୨।୪**

ଜମ୍ମୁ–କଶ୍ମୀରର ପୁଞ୍ଚ୍‌ରେ ଗତ ଗୁରୁବାର ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଓଡ଼ିଶାର ଦେବାଶିଷ ବିଶ୍ୱାଳଙ୍କ ସମେତ ୫ ଶହୀଦ ଯବାନଙ୍କୁ ଶନିବାର ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛି ଢେଙ୍କାନାଳ ଜିଲା ବୁଦ୍ଧିଜୀବୀ ସଙ୍ଗଠନ। ସ୍ଥାନୀୟ ବସ୍‌ଷ୍ଟାଣ୍ଡସ୍ଥିତ ଅମର ଶହୀଦ ସ୍ମୃତିସ୍ତମ୍ଭ ନିକଟରେ ଦେଶସେବାରେ ପ୍ରାଣବଳି ଦେଇଥିବା ଶହୀଦଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ଏଥିସହ ସେମାନଙ୍କ ପରିବାରକୁ ଆନ୍ତରିକ ସମବେଦନା ଜ୍ଞାପନ କରାଯାଇଥିଲା। ଆତଙ୍କବାଦୀ କାର୍ଯ୍ୟକୁ ସଙ୍ଗଠନ ତରଫରୁ ଦୃଢ଼ ନିନ୍ଦା କରାଯାଇଛି। ଶ୍ରଦ୍ଧାଞ୍ଜଳି ସଭାରେ ସଦସ୍ୟ ଡାକ୍ତର ତୁଷାରକାନ୍ତି ନାୟକ, ରୁଦ୍ରପ୍ରକାଶ ଶରଣ, ସରୋଜ ଶତପଥୀ, ପ୍ରଦ୍ୟୁମ୍ନ ଆଚାର୍ଯ୍ୟ, ବିଶ୍ୱଜିତ୍ ଜେନା, ବିଶ୍ୱନାଥ ମହାପାତ୍ର, ସୁବାସ ଚନ୍ଦ୍ର ମିଶ୍ରଙ୍କ ସମେତ ଢେଙ୍କାନାଳ ସ୍ୱୟଂଶାସିତ କଲେଜର ଛାତ୍ରୀମାନେ ଉପସ୍ଥିତ ଥିଲେ।


ବୁଦ୍ଧିଜୀବୀ ସଙ୍ଗଠନ ତରଫରୁ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।

# ଦିନବେଳା ମେମୁ ଚଳାଚଳ ଦାବି

**ଢେଙ୍କାନାଳ ଅଫିସ, ୨୨।୪**

ଢେଙ୍କାନାଳ ଓ ଅନୁଗୋଳ ଜିଲାରୁ ସର୍ବାଧିକ ରାଜସ୍ୱ ରେଳ ବିଭାଗ ଆଦାୟ କରୁଛି। ହେଲେ ଦିନବେଳା ଅନୁଗୋଳରୁ କଟକ ଯିବା ପାଇଁ କୌଣସି ଯାତ୍ରୀବାହୀ ଟ୍ରେନ୍‌ର ସୁବିଧା ନାହିଁ। ଏହି ଅଭାବ ପୂରଣ କରିବା ଲାଗି ଖୁବ୍‌ଶୀଘ୍ର ଦିନବେଳା ଏକ ମେମୁ ଟ୍ରେନ୍ ଚଳାଚଳ କରିବାକୁ ଦାବି କରିଛି ସଚେତନ ନାଗରିକ ଫୋରମ୍। ନିକଟରେ ଢେଙ୍କାନାଳ ଗସ୍ତରେ ଆସିଥିବା ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ଫୋରମ୍ ପକ୍ଷରୁ ଏ ବିଷୟରେ ଅବଗତ କରାଯାଇଛି। ସଭାପତି ତଥା ପୂର୍ବତନ ନଗରପାଳ ସୁରେନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ସଙ୍ଗଠନର କର୍ମକର୍ତ୍ତାମାନେ ଢେଙ୍କାନାଳ ସର୍କିଟ ହାଉସ୍‌ଠାରେ ମୁଖ୍ୟ ଶାସନ ସଚିବଙ୍କୁ ସାକ୍ଷାତ୍ କରି ଏ ସଂକ୍ରାନ୍ତ ଦାବିପତ୍ର ପ୍ରଦାନ କରିଛନ୍ତି।

ଏଥିସହ ପ୍ରସ୍ତାବିତ୍ ମେଡିକାଲ ହବ୍, କପିଳାସ ରୋପ–ୱେ କାର୍ଯ୍ୟକ୍ଷମ କରିବା, ଢେଙ୍କାନାଳର ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ ବିଭାଗ ପକ୍ଷରୁ ପ୍ରତି ଘଣ୍ଟାରେ ଗୋଟିଏ ବସ୍ ଢେଙ୍କାନାଳ–କଟକ ରୁଟ୍‌ରେ ଚଳାଇବା ବ୍ୟବସ୍ଥା କରିବାକୁ ଫୋରମ୍ ପକ୍ଷରୁ ଦାବି କରାଯାଇଛି। ଢେଙ୍କାନାଳ ବାଜିଚୌକ୍‌ରେ ଥିବା ପୁରାତନ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିକଟରେ ସିଟି ହସ୍ପିଟାଲରେ ପରିଣତ କରାଯାଇଥିବାବେଳେ ଏହା ଯେପରି ଜନତାଙ୍କ କାମରେ ଆସିବ, ସେଥିପାଇଁ ସରକାର ସଚେତନ ଥିବା ମୁଖ୍ୟ ଶାସନ ସଚିବ ମତବ୍ୟକ୍ତ କରିଛନ୍ତି। ଆଲୋଚନାବେଳେ କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ବେହେରା, ସମ୍ପାଦକ ଭରତ କୁମାର ଦାସ, ସଭ୍ୟ ଚିନ୍ମୟ ଗୋଛାୟତ, ଜିତେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ଇଦ୍ ଅବସରରେ ସାମୂହିକ ନମାଜ ପାଠ।

# ଇଦ୍‌ରେ ଉତ୍ସବ ମୁଖର ସହର

**ଢେଙ୍କାନାଳ ଅଫିସ, ୨୨।୪**

ସରିଛି ମୁସ୍‌ଲମାନ ସମ୍ପ୍ରଦାୟର ଧର୍ମମାସ ରମ୍‌ଜାନ। ମାସାଧିକ କାଳ ରୋଜା ରଖି ନିଷ୍ଠାର ସହ ଉପବାସ ପାଳନ କରିଥିବା ମୁସ୍‌ଲମାନ ଭଉଣୀଭାଇମାନେ ଶନିବାର ଆଡମ୍ବର ସହକାରେ ପାଳିଛନ୍ତି ଭାଇଚାରାର ପର୍ବ ଇଦ୍। ଏହାକୁ ନେଇ ଢେଙ୍କାନାଳର ମୁସ୍‌ଲମାନ ସମ୍ପ୍ରଦାୟ ମଧ୍ୟରେ ବିପୁଳ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ଉପଲକ୍ଷେ ପୂର୍ବାହ୍ନ ୯ଟାରେ ମିନାବଜାରସ୍ଥିତ ମସ୍‌ଜିଦ୍‌ରେ ଏବଂ ସାଢ଼େ ୯ଟାରେ କାଞ୍ଚନବଜାରସ୍ଥିତ ମସ୍‌ଜିଦରେ ସାମୂହିକ ନମାଜ ପାଠର ଆୟୋଜନ କରାଯାଇଥିଲା। ବିଧାୟକ ସୁଧୀର କୁମାର ସାମଲ ଉଭୟ ସ୍ଥାନରେ ପ୍ରାର୍ଥନା କରିବା ସହ ମୁସଲମାନ ସମ୍ପ୍ରଦାୟର ଭାଇଙ୍କୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ସହରରେ ଥିବା ଉକ୍ତ ଦୁଇ ମସ୍‌ଜିଦର ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୫ ଲକ୍ଷ ଟଙ୍କା ଲେଖାଏ ଅନୁଦାନ ପ୍ରଦାନ କରିଥିବା ବିଧାୟକ ଏହି ଅବସରରେ ସୂଚନା ଦେଇଥିଲେ। ଆଗାମୀ ଦିନରେ ମସ୍‌ଜିଦର ଉନ୍ନତୀକରଣ ଲାଗି ଅଧିକ ଅନୁଦାନ ବ୍ୟବସ୍ଥା କରାଯିବ ବୋଲି ବିଧାୟକ କହିଛନ୍ତି।

# ଦେଶ ଗଠନରେ ବ୍ରତୀ ହେବାକୁ ଆହ୍ୱାନ

**ଢେଙ୍କାନାଳ ଅଫିସ, ୨୨।୪**

ଢେଙ୍କାନାଳ ରୋଟାରି କ୍ଲବର ସେବାମୂଳକ କାର୍ଯ୍ୟକ୍ରମର ସମୀକ୍ଷା ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କର୍ମକର୍ତ୍ତା ପ୍ରଭୁଦତ୍ତ ସୁବୁଦ୍ଧି ଏଥିରେ ଯୋଗଦେଇ ଗଜମରା ରୋଟାରି କମ୍ୟୁନିଟି କର୍ପସ ସ୍ୱେଚ୍ଛାସେବୀଙ୍କ ସାଙ୍ଗଠନିକ ଦକ୍ଷତାର ପ୍ରଶଂସା କରିବା ସହ ଦେଶ ଗଠନରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଉପଲକ୍ଷେ ରୋଟାରି କ୍ଲବ ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଡା. ବଳଭଦ୍ର ରାମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁବୁଦ୍ଧି ଯୋଗଦେଇ କହିଲେ, ପ୍ରଯୁକ୍ତି ବିଦ୍ୟାର ଅଭିବୃଦ୍ଧି, କୁଶଳୀ ମାନବ ସମ୍ବଳ ଓ ବିକଶିତ ଯୁବସମାଜ ହିଁ ପ୍ରଗତିର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ। ଏହି ଅବସରରେ ସେ କ୍ଲବ ପକ୍ଷରୁ ଆୟୋଜିତ ବିଭିନ୍ନ ସାମାଜିକ ଓ ସଂସ୍କାରମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରି ସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଇନରହୁଇଲ କ୍ଲବ ସଭାନେତ୍ରୀ ଅର୍ଚ୍ଚନା ମହାପାତ୍ର ପୁଷ୍ପଗୁଚ୍ଛ ଦେଇ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସମ୍ପାଦକ ଡା. ଭବାନୀ ଦାସ ବିବରଣୀ ପାଠ କରିଥିବାବେଳେ ଆହାନା ନନ୍ଦ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଉଲ୍ଲେଖନୀୟ ସେବା ପାଇଁ ଷ୍ଟାଫ୍‌ନର୍ସ କାମିନୀ ବେହେରା, ବରିଷ୍ଠ ସଫେଇ କର୍ମଚାରୀ ମିଟୁ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜେଶ ସରଳିଆ, ବିନୋଦ ଅଗ୍ରୱାଲ, ଡା. ଅବୋଧ ମହାପାତ୍ର, ନବୀନଚନ୍ଦ୍ର ନାରାୟଣ ଦାସ, ରଣେନ୍ଦ୍ର ପ୍ରତାପ ସିଂ ଉପସ୍ଥିତ ଥିଲେ। ବିଭୁଦେନ୍ଦୁ ପଟ୍ଟନାୟକ, ଅଭିମନ୍ୟୁ ସାହୁ, ରାଜେନ୍ଦ୍ର ଦାସ, ଇପିଲ ଶ୍ରୀଧର, ଅଖିଳ ପଣ୍ଡା, ଜ୍ୟୋତି ରଥ, ସାଗରିକା ମିଶ୍ର, ମହେଶ ଅଗ୍ରୱାଲ, ପ୍ରଦୋଷ ଶତପଥୀ, ତପନ ପାଲ ପ୍ରମୁଖ ସହଯୋଗ କରିଥିଲେ।



ଉଲ୍ଲେଖନୀୟ ସେବା ପାଇଁ ଅତିଥିମାନେ ଜଣଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# 'ସଂଗ୍ରାମୀ ଶିକ୍ଷକ ନେତାଙ୍କ କୃତି ଅମଳିନ ରହିବ'

## ଶ୍ରୀପତି ସେନାପତିଙ୍କ ପ୍ରତିମୂର୍ତ୍ତି ଅନାବରଣ

**ଢେଙ୍କାନାଳ ଅଫିସ, ୨୨।୪**

ଢେଙ୍କାନାଳ ଗାନ୍ଧୀବଜାର ପୂଜା ମଣ୍ଡପ ନିକଟରେ ଶନିବାର ପୂର୍ବାହ୍ନ ସାଢ଼େ ୧୦ଟାରେ ସଂଗ୍ରାମୀ ଶିକ୍ଷକ ନେତା ତଥା ଗାନ୍ଧୀବଜାର ପୂଜା କମିଟିର ପୂର୍ବତନ ସଭାପତି ସ୍ୱର୍ଗତ ଶ୍ରୀପତି ସେନାପତିଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଛି।

ଶ୍ରୀପତି ସେନାପତି ସ୍ମୃତି କମିଟି ଓ ଗାନ୍ଧୀବଜାର ପୂଜା କମିଟିର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରି ନିଜ ଅଭିଭାଷଣରେ କହିଲେ, ଶ୍ରୀପତି ସାର୍ ଜଣେ ଛାତ୍ରବତ୍ସଳ ଶିକ୍ଷକ ଥିଲେ। ଶିକ୍ଷାର ବିକାଶ ପାଇଁ ସେ ଅହରହ ଉଦ୍ୟମ ଜାରି ରଖିଥିଲେ। ଜିଲା ଓ ରାଜ୍ୟର ଶିକ୍ଷକଙ୍କ ସମସ୍ୟାକୁ ନେଇ ସଂଗ୍ରାମ ଜାରି ରଖିଥିଲେ। ଶିକ୍ଷକ ସମାଜ ସମସ୍ୟାର ସମାଧାନ କ୍ଷେତ୍ରରେ ତାଙ୍କ କୃତି ସର୍ବଦା ଅମଳିନ ରହିବ ବୋଲି ବିଧାୟକ କହିଥିଲେ। ଶିକ୍ଷକ ଭବନର ଉନ୍ନତି ପାଇଁ ପଦକ୍ଷେପ ନିଆଯିବ ବୋଲି ବିଧାୟକ ଏହି ଅବସରରେ ପ୍ରତିଶ୍ରୁତି ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ପୂର୍ବତନ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ନିରଞ୍ଜନ ସାହୁ କହିଲେ, ଶ୍ରୀପତି ସାର୍ କେବଳ ଜଣେ ଶିକ୍ଷାବିତ୍ ନ ଥିଲେ ; ସେ ଥିଲେ ଜଣେ ପରୋପକାରୀ ବ୍ୟକ୍ତି। ଲକ୍ଷ୍ମୀଧର ମ୍ୟୁନିସିପାଲ୍ ହାଇସ୍କୁଲ ତାଙ୍କର କର୍ମଭୂମି ଥିଲା। ଶିକ୍ଷାନୁଷ୍ଠାନ ସମ୍ମୁଖରେ ତାଙ୍କର ଏକ ପ୍ରତିମୂର୍ତ୍ତି ଉନ୍ମୋଚନ ହେବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସେ କହିଥିଲେ। ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ପୁରାତନ ଛାତ୍ର ଦେବାଶିଷ ମିଶ୍ର, ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର ପ୍ରମୁଖ ତାଙ୍କର ସ୍ମୃତିଚାରଣ କରିଥିଲେ। ଗାନ୍ଧୀ ବଜାର ପୂଜା କମିଟି ସମ୍ପାଦକ ତାରାପ୍ରସନ୍ନ ଶତପଥୀଙ୍କ ପରିଚାଳନାରେ ଆୟୋଜିତ ଏହି ଉତ୍ସବରେ ଶିକ୍ଷକ ନେତା ଶ୍ରୀରାମ ରାଉତ, ପ୍ରମୋଦ ମିଶ୍ର, ଲୋକନାଥ ଷଡ଼ଙ୍ଗୀ, ବିପ୍ରବର ସାହୁ, ସଞ୍ଜୟ ହୋତା, ସନ୍ତୋଷ ପାଣିଗ୍ରାହୀ, ବିଭୂତି ସାମଲ, ପଣ୍ଡିତ ସତୀଶ ଆଚାର୍ଯ୍ୟ ପ୍ରମୁଖ ତାଙ୍କ ଆଦର୍ଶ ଜୀବନ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ନେତା ଯମେଶ୍ୱର ପୃଷ୍ଟି ସ୍ୱାଗତ ଭାଷଣ ଦେଇଥିଲେ। ଶ୍ରୀପତି ସେନାପତିଙ୍କ ଝିଅ ପ୍ରତିଚୀ କାଞ୍ଚନ ସେନାପତି, ପ୍ରଶାନ୍ତ ସେନାପତି, ବିନୟ କର, ପ୍ରଦୀପ ସେନାପତି, ସୁଧୀର ପରିଡ଼ା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


ଶ୍ରୀପତି ସେନାପତିଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବରେ ଅତିଥିମାନେ।

## ସଂକ୍ଷେପରେ

### ନାବାଳିକାଙ୍କୁ ଅସଦାଚରଣ ମାମଲା
## ଅଭିଯୁକ୍ତ ବ୍ୟବସାୟୀଙ୍କୁ ୩ବର୍ଷ ଜେଲ

ଢେଙ୍କାନାଳ ଅଫିସ, ୨୨।୪-ଜଣେ ନାବାଳିକା ଅସଦାଚରଣ ମାମଲାର ରାୟ ଶନିବାର ଢେଙ୍କାନାଳ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ପ୍ରକାଶ ପାଇଛି। ବିଚାରପତି ଆଙ୍କାକ୍ଷିତ ମିଶ୍ର ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ବ୍ୟବସାୟୀ ବିଷ୍ଣୁ ପ୍ରସାଦ ବରାଳଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୩୫୪ ଦଫାରେ ୩ ବର୍ଷ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା ଏବଂ ୮ ପୋକ୍‌ସୋ ଦଫାରେ ୩ ବର୍ଷ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି। ଉଭୟ ଦଣ୍ଡାଦେଶ ସମାନ୍ତରାଳ ଭାବେ ଲାଗୁ ହେବ। ସରକାରଙ୍କ ପକ୍ଷରୁ ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର (ପୋକ୍‌ସୋ) ଦିଲୀପ କୁମାର ମଲିକ ପରିଚାଳନା କରିଥିଲେ।

ମାମଲାର ବିବରଣୀ ଅନୁଯାୟୀ, ଅଭିଯୁକ୍ତ ବିଷ୍ଣୁ ଖମାର ସାହିରେ ଏକ ତେଜରାତି ଦୋକାନ କରିଛନ୍ତି। ଘଟଣା ଦିନ ଅର୍ଥାତ୍ ୨୦୨୨ ମାର୍ଚ୍ଚ ୨୦ ଅପରାହ୍ନ ୫ଟାରେ ଜଣେ ୧୩ ବର୍ଷୀୟା ନାବାଳିକା ତାଙ୍କ ଦୋକାନକୁ ମଶାଧୂପ କିଣିବାକୁ ଆସିଥିବାବେଳେ ବିଷ୍ଣୁ ଅସଦାଚରଣ କରିଥିଲେ। ତେବେ ଝିଅ ଜଣକ କୌଶଳକ୍ରମେ ଖସିଆସି ଘର ଲୋକଙ୍କୁ ସମସ୍ତ ଘଟଣା କହିଥିଲେ। ଏ ନେଇ ନାବାଳିକାଙ୍କ ମା'ଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ନଂ. ୧୬୧/୨୨ରେ ଏକ ମାମଲା ରୁଜୁ କରାଯାଇଥିଲା। ମାମଲା ରୁଜୁ ହେବାର ମାସକ ପରେ ପୋଲିସ ଅଭିଯୁକ୍ତ ବିଷ୍ଣୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୨ଦିନ ମଧ୍ୟରେ ବିଷ୍ଣୁ ଜାମିନରେ ଆସିଥିଲେ। ମାମଲାର ସିଟି ସ୍ପେଶାଲ ପକ୍‌ସୋ କେସ୍ ନଂ. ୧୬/୨୨ ବିଚାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି।

# ଦୁର୍ବୃତ୍ତଙ୍କ ସମ୍ପର୍କରେ ତଥ୍ୟ ପାଉନି ପୋଲିସ

**ଅନୁଗୋଳରେ ଯୁବକଙ୍କୁ ହତ୍ୟା ଘଟଣା**
- ଦେହରେ ବାଜିଛି ୩୦ରୁ ଅଧିକ ଚୋଟ
- ଏକାଧିକ ଲୋକଙ୍କ ସମ୍ପୃକ୍ତି ଚର୍ଚ୍ଚା
- ପଚରାଉଚରା ପରେ ମଧ୍ୟ ହାତ ଖାଲି

ଅନୁଗୋଳ ଅଫିସ, ୨୨।୪

ଅନୁଗୋଳ ସହର ହୁଲୁରିସିଂହା ଠାରେ ଶୁକ୍ରବାର ରାତିରେ ସ୍ଥାନୀୟ ଯୁବକ ପ୍ରକାଶ ବେହେରାଙ୍କୁ ଗୋଡ଼ାଇ ଗୋଡ଼ାଇ ହତ୍ୟା କରାଯାଇଥିଲା। ପ୍ରକାଶଙ୍କ ଦେହରେ ୩୦ରୁ ଅଧିକ ଚୋଟ ରହିଥିବା ବେଳେ ଏଥିରେ ଏକାଧିକ ଲୋକଙ୍କ ସମ୍ପୃକ୍ତି ଥିବା ଚର୍ଚ୍ଚା ହେଉଛି। ହେଲେ ସାଇଣ୍ଟିଫିକ ଟିମ୍, ସନ୍ଧାନୀ କୁକୁର ସହାୟତାରେ ପୋଲିସ ତଦନ୍ତ କରିବା ଓ ଘଟଣାକୁ ୨୪ ଘଣ୍ଟା ପୂରିଯିବା ସତ୍ତ୍ୱେ ଏଯାଏ ଦୁର୍ବୃତ୍ତମାନଙ୍କ ସମ୍ପର୍କରେ କୌଣସି ତଥ୍ୟ ପାଇପାରିନାହିଁ ପୋଲିସ। ଏକାଧିକ ଲୋକଙ୍କୁ ପଚରାଉଚରା କରାଯାଇଥିଲେ ବି ଘଟଣାର ରହସ୍ୟ ଜାଣିପାରି ନାହିଁ ପୋଲିସ। ଫଳରେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ହୁଲୁରିସିଂହାର ପ୍ରକାଶଙ୍କ ଏକ ବ୍ରଏଲର ପଏଣ୍ଟ ରହିଛି। ଶୁକ୍ରବାର ରାତିରେ ଦୋକାନ ଖୋଲା ଥିବାବେଳେ ସେଠାରୁ ଅଳ୍ପ ଦୂରରେ ପ୍ରକାଶଙ୍କ ମୃତଦେହ ପୋଲିସ ଠାବ କରିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ଦୁର୍ବୃତ୍ତମାନେ ଗୋଡ଼ାଇ ଗୋଡ଼ାଇ ଧାରୁଆ ଅସ୍ତ୍ରରେ ହାଣିଥିବା ଓ ଏଥିରେ ୩ରୁ ଅଧିକ ଧାରୁଆ ଅସ୍ତ୍ର ବ୍ୟବହାର କରାଯାଇଥିବା ପୋଲିସ ଜାଣିବାକୁ ପାଇଥିଲା। ଶନିବାର ଦିନ ତମାମ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯିବା ସତ୍ତ୍ୱେ ହତ୍ୟାକାଣ୍ଡର କାରଣ ସମ୍ପର୍କରେ କୌଣସି ତଥ୍ୟ ପୋଲିସକୁ ମିଳିପାରି ନାହିଁ। ଘଟଣାସ୍ଥଳରୁ ଏକ ମୋବାଇଲ ମିଳିଥିବା ବେଳେ ଅନ୍ଧାରରେ ବାଡ଼ି ବୁଲାଉଥିବା ପୋଲିସ ହୁଲୁରିସିଂହାର ଏକାଧିକ ଲୋକଙ୍କୁ ଡାକି ପଚରାଉଚରା କରୁଛି। ଅନୁଗୋଳ ସହରରେ ପୂର୍ବରୁ ଏପରି ବୀଭତ୍ସ ହତ୍ୟାକାଣ୍ଡ ଘଟି ନ ଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ପ୍ରକାଶଙ୍କ ସହ କାହାର ଶତ୍ରୁତା ଥିଲା ଓ ସେମାନେ ସ୍ଥାନୀୟ ଅଞ୍ଚଳର କିମ୍ବା ଜିଲା ବାହାରର, ସେ ନେଇ ଆଲୋଚନା ଜୋର୍ ଧରିଛି। କିନ୍ତୁ ପୋଲିସକୁ କୌଣସି ତଥ୍ୟ ମିଳିପାରି ନ ଥିବାରୁ ଘଟଣା ଉପରେ ସମସ୍ତଙ୍କର ନଜର ରହିଛି। ଅନ୍ୟପକ୍ଷରେ ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ଅପରାହ୍ନ ୪ଟାରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।


ହତ୍ୟାକାଣ୍ଡ ସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।



## ପୋଲିସର ନିଷ୍କ୍ରିୟତାକୁ ନେଇ ଅସନ୍ତୋଷ

ଅନୁଗୋଳ ଅଫିସ, ୨୨।୪

ଅନୁଗୋଳ ସହର ହୁଲୁରିସିଂହାର ପ୍ରକାଶ ବେହେରାଙ୍କ ହତ୍ୟା ଘଟଣାରେ ପୋଲିସର ହାତ ଏଯାଏ ଖାଲି ରହିଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଶନିବାର ପୂର୍ବାହ୍ନ ୧୧ଟାରେ ଉତ୍ତ୍ୟକ୍ତ ଲୋକମାନେ ଟାୟାର ଜାଳି କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ବହୁ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା। ଦୀର୍ଘ ୩ ଘଣ୍ଟା ଧରି ରାଜପଥ ଅବରୋଧ ସହ ଅନୁଗୋଳ ପୋଲିସର ନିଷ୍କ୍ରିୟତା ନେଇ ଲୋମାନେ ବିଭିନ୍ନ ନାରାବାଜି କରିଥିଲେ। ଖବରପାଇ ଏସ୍‌ଡିପିଓ ରମାକାନ୍ତ ମହାଲିକ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ରାସ୍ତାରୋକୋରୁ ଓହରିବା ପାଇଁ ନିବେଦନ କରିଥିଲେ ମଧ୍ୟ ଲୋକମାନେ ତାଙ୍କ ଜିଦ୍‌ରେ ଅଟଳ ରହିଥିଲେ। ଡହ ଡହ ଖରାରେ ଲୋକମାନେ ରାସ୍ତା ମଝିରେ ବସି ରହିଥିଲେ। ପରେ ଅନୁଗୋଳ ଅତିରିକ୍ତ ଏସ୍‌ପି ସୁରେଶ ପାଣିଗ୍ରାହୀ, ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ ପହଞ୍ଚି ୭ ଦିନ ମଧ୍ୟରେ ଦୁର୍ବୃତ୍ତମାନଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଲୋକମାନେ ଆନ୍ଦୋଳନରୁ ଓହରିଥିଲେ।


ଉତ୍ତ୍ୟକ୍ତ ଲୋକମାନେ କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ ଅବରୋଧ କରିଛନ୍ତି।

## ଥାନାରେ ରୁଜୁ ହେଲା ମାମଲା

ଅନୁଗୋଳ ଅଫିସ, ୨୨।୪

ହୁଲୁରିସିଂହାରେ ହୋଇଥିବା ହତ୍ୟାକାଣ୍ଡ ନେଇ ଶୁକ୍ରବାର ବିଳମ୍ବିତ ରାତିରେ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ମୃତକଙ୍କ ସ୍ତ୍ରୀ ରିଙ୍କି ବେହେରା ଏତଲା ଦେବା ପରେ ପୋଲିସ ନଂ. ୨୦୦/୨୩ରେ ମାମଲା ରୁଜୁ କରିଥିଲା। ଏତଲାରେ ରିଙ୍କି ଦର୍ଶାଇଛନ୍ତି, ପ୍ରକାଶ ସନ୍ଧ୍ୟାରେ ତାଙ୍କ ବ୍ରଏଲର ପଏଣ୍ଟରେ ଥିଲେ। ଦୋକାନରେ ପଲିଥିନ୍ କମ୍ ପଡ଼ିବାରୁ ସେ ଭଣଜାଙ୍କୁ ଫୋନ୍ କରି ପଲିଥିନ୍ ଆଣିବାକୁ କହିଥିଲେ। ଭଣଜା ଦୋକାନକୁ ଆସିବା ପରେ ଏକ ଜରୁରୀ କାର୍ଯ୍ୟରେ ସେ ବାହାରକୁ ଯାଉଥିବା କହିଥିଲେ। ତେବେ ରାତି ପ୍ରାୟ ୧୦ଟାରେ ପ୍ରକାଶଙ୍କୁ ହତ୍ୟା କରାଯାଇଥିବା ନେଇ ଭଣଜା ଜାଣିବାକୁ ପାଇଥିଲେ। ଏହାପରେ ଦୋକାନ ବନ୍ଦ କରି ଭଣଜା ଘରେ ପଇସା ଓ ଚାବି ଦେଇ ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ ମାମୁ ପ୍ରକାଶଙ୍କୁ ହତ୍ୟା କରାଯାଇଥିବା ଦେଖିବାକୁ ପାଇଥିଲେ। ଖବରପାଇ ପରିବାର ଲୋକେ ହୁଲୁରିସିଂହା ଖେଳ ପଡ଼ିଆ ନିକଟରେ ପହଞ୍ଚିଥିଲେ।

## ଗୋପବନ୍ଧୁ ସେବା ସଙ୍ଗଠନ ସମ୍ବର୍ଦ୍ଧିତ

ମାଧପୁର, ୨୨।୪

ଆଠମଲ୍ଲିକ ବ୍ଲକ ବାସୁଦେବପୁର ପଞ୍ଚାୟତ ଗୌତମପୁର ଗ୍ରାମର ଗୋପବନ୍ଧୁ ସେବା ସଙ୍ଗଠନକୁ ପୁରୀଠାରେ ସମ୍ବର୍ଦ୍ଧିତ କରାଯାଇଛି। ସମର୍ପଣ ନାମକ ସଂସ୍ଥା ଦ୍ୱାରା ପୁରୀଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରି ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟବକ୍ତା ଭାବେ ରାଜ୍ୟ ଯୁବକ୍ରୀଡା ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ଗୌତମପୁରର ଗୋପବନ୍ଧୁ ସେବା ସଙ୍ଗଠନକୁ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ, ସଙ୍ଗଠନର ଯୁବକମାନେ ବିଭିନ୍ନ ସମୟରେ ଖବରପାଇ ବିଭିନ୍ନ ଡାକ୍ତରଖାନାକୁ ଯାଇ ରକ୍ତଦାନ କରିଥାନ୍ତି ଏବଂ ରକ୍ତଦାନ ଶିବିରମାନ ଆୟୋଜନ କରିଥାନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମର୍ପଣ ଅନୁଷ୍ଠାନ ସଭାପତି ଅଭିମନ୍ୟୁ ଭୂଇଁଆ, ଗୋପବନ୍ଧୁ ସେବା ସଙ୍ଗଠନ ପକ୍ଷରୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବରାଜ ନାୟକ, ସନ୍ତୋଷ ମେହେର, ଅଭିରାମ ମେହେର ଯୋଗଦେଇ ଏହି ମାନପତ୍ର ଗ୍ରହଣ କରିଥିଲେ।


ଗୋପବନ୍ଧୁ ସେବା ସଙ୍ଗଠନକୁ ସମ୍ବର୍ଦ୍ଧିତ କରାଯାଉଛି।

## ରାଷ୍ଟ୍ରୀୟ ଶିକ୍ଷାନୀତି ଉପରେ ଆଲୋଚନା


ତ୍ରିଦିବସୀୟ ପ୍ରାଦେଶିକ ସାଧାରଣ ସଭାରେ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନେ।

ଅନୁଗୋଳ ଅଫିସ, ୨୨।୪

ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ତ୍ରିଦିବସୀୟ ପ୍ରାଦେଶିକ ସାଧାରଣ ସଭା ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷା ବିକାଶ ସମିତି ଓଡ଼ିଶା ଅଧ୍ୟକ୍ଷ ଡ. କିଶୋର କୁମାର ମହାନ୍ତି ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଅଖିଳ ଭାରତୀୟ ସଦ୍‌ଭାବନା ସହ ସଂଯୋଜକ ଡ. ଗୋପାଳ ପ୍ରସାଦ ମହାପାତ୍ର ମୁଖ୍ୟବକ୍ତା ଓ ଅନ୍ୟତମ ଅତିଥି ଭାବେ ବ୍ରହ୍ମାନନ୍ଦ ରାଓ, ଶିକ୍ଷା ବିକାଶ ସମିତି ସମ୍ପାଦକ କମଳାକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ସଭାରେ ମୋଟ ୨୨୫ ଜଣ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଶିକ୍ଷା ବିକାଶ ସମିତି ଓଡ଼ିଶା ଯୁଗ୍ମ ସମ୍ପାଦିକା ଡ. ଚାରୁଲତା ଦେବୀ ମଞ୍ଚ ପରିଚାଳନା କରିଥିବାବେଳେ ପଶ୍ଚିମ ସମ୍ଭାଗ ସମ୍ପାଦକ ତ୍ରିବିକ୍ରମ ଶତପଥୀ ମଞ୍ଚ ସଂଯୋଜନା କରିଥିଲେ। ଶିକ୍ଷା ବିକାଶ ସମିତି ସମ୍ପାଦକ କମଳାକାନ୍ତ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ୩ ଦିନିଆ ସଭାରେ ଶିକ୍ଷା ବର୍ଷର ବାର୍ଷିକ ଯୋଜନା ତଥା ନୂତନ ରାଷ୍ଟ୍ରୀୟ ଶିକ୍ଷାନୀତି, ସଙ୍ଗଠନର ବିକାଶ ଉପରେ ଆଲୋଚନା କରାଯାଉଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ, ସହ ପ୍ରଧାନ ଆଚାର୍ଯ୍ୟା, ପରିଚାଳନା ସମିତି ସଦସ୍ୟ ତଥା ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରୁଛନ୍ତି।

## ଆଡ଼ମ୍ବରରେ ପାଳନ ହେବ ମଧୁବାବୁ ଜୟନ୍ତୀ

ଛେଣ୍ଡିପଦା,୨୨।୪(ସ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଓକିଲ ସଂଘ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ ପାଳନ ପାଇଁ ଶନିବାର ସଂଘ କାର୍ଯ୍ୟାଳୟ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସଭାପତି ନଗେନ ନନ୍ଦଙ୍କ ସଭାପତିତ୍ୱରେ ଆସନ୍ତା ୨୮ତାରିଖରେ କିପରି ଭାବେ ମଧୁସୂଦନ ଦାସଙ୍କ ଜୟନ୍ତୀକୁ ପାଳନ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଅନୁଗୋଳ ଜିଲାର ବରିଷ୍ଠ ଆଇନଜୀବୀମାନଙ୍କୁ ନେଇ ସକାଳେ ମଧୁବାବୁଙ୍କ ଜୟନ୍ତୀ ମହାଆଡ଼ମ୍ବରରେ ପାଳନ କରାଯିବ ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବୈଠକରେ ସର୍ବସମ୍ମତିକ୍ରମେ ସ୍ଥିର କରାଯାଇଥିଲା। ଏହି ବୈଠକରେ ସମ୍ପାଦକ ଶରତ ଚନ୍ଦ୍ର ପ୍ରଧାନ, ଉପ ସଭାପତି ନକୁଳ ମାଝି ଓ ସହ ସମ୍ପାଦକ ନିକୁଞ୍ଜ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଅଶୋକ କୁମାର ଦ୍ୱିବେଦୀଙ୍କ ସହ ଛେଣ୍ଡିପଦା ଓକିଲ ସଂଘରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଓକିଲ ସଂଘ କର୍ମକର୍ତ୍ତାମାନେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବଇଣ୍ଡା,୨୨।୪(ଡି.ଏନ.ଏ.): କିଶୋରନଗର ବ୍ଲକ ବଇଣ୍ଡା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ନିରାକାର ସାହୁ (୬୩)ଙ୍କ ଶନିବାର ପରଲୋକ ହୋଇଯାଇଛି। ସେ ଶ୍ୱାସ ରୋଗରେ ପୀଡିତ ଥିଲେ। ତାଙ୍କ ମରଶରୀରକୁ ସାନହୁଲା ହାଇସ୍କୁଲକୁ ନିଆଯାଇଥିଲା। ସେଠାରେ ଶ୍ରଦ୍ଧାଞ୍ଜଳି ଦିଆଯିବା ପରେ ମୃତଦେହ ତାଙ୍କ ଗ୍ରାମ ଜରପଡାକୁ ନିଆଯାଇ ଶ୍ମଶାନରେ ଦାହ କରାଯାଇଥିଲା। ସେ ଜଣେ ଛାତ୍ରବତ୍ସଳ, ମେଳାପି ଶିକ୍ଷକ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ସରପଞ୍ଚ ଦୀପ୍ତିମୟୀ ସାହୁ, ସମିତିସଭ୍ୟା ମାନସୀ ପ୍ରଧାନ ଶୋକ ପ୍ରକାଶ କରିଛନ୍ତି।

## ଭାଇଚାରା ବାର୍ତ୍ତା ବାଣ୍ଟିଲା ଇଦ୍

ଢେଙ୍କାନାଳ ଅଫିସ, ୨୨।୪

ଢେଙ୍କାନାଳ ସଦର ବ୍ଲକ କାଇମାଟି ପଠାନ କ୍ଲବ ପକ୍ଷରୁ ଆନନ୍ଦ ଉଲ୍ଲାସରେ ଇଦ୍ ପାଳିତ ହୋଇଛି। ସମ୍ପ୍ରଦାୟର ଭାଇମାନେ ବିଶ୍ୱକଲ୍ୟାଣ କାମନା କରି ସାମୂହିକ ନମାଜ ପାଠ କରିଥିଲେ। ନୂତନ ବସ୍ତ୍ର ପରିଧାନ ପୂର୍ବକ ଇଦ୍ ଶୁଭେଚ୍ଛା ଜଣାଇଥିଲେ। ଏହି ଉପଲକ୍ଷେ ପଠାନ କ୍ଲବ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପୂର୍ବତନ ସରପଞ୍ଚ ତଥା ବିଜେଡି ନେତା ବିଭୁପ୍ରସାଦ ଦେହୁରୀ ଏହାର ଶୁଭାରମ୍ଭ କରିଥିଲେ। ଗ୍ରାମ ସଭାପତି ମାନସ ବାରିକ, ଯୁବ ବିଜେଡି ସଭାପତି ଅଭିମନ୍ୟୁ ଖିଲାର ଉପସ୍ଥିତ ଥିଲେ। କ୍ଲବର ଶେକ୍ ସାଗିର, ଶେକ୍ ଜାନ, ଖଲିଲ ମହମ୍ମଦ, ଶେକ ୟାସିନ, ଶେକ ରେହେମାନ, ରାଜେଶ ମହମ୍ମଦ, ଶେକ ରାଜନ, ଶେକ ଆସିକ, ରାକେଶ ମହମ୍ମଦ, ଆସିକ ମହମ୍ମଦ ପ୍ରମୁଖ ଉପସ୍ଥିତ ରହି ଉତ୍ସବ ପାଳନ କରିଥିଲେ। ହିନ୍ଦୁ ଏବଂ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ମିଳିତ ଭାବେ ଏହି ଉତ୍ସବ ଭାଇଚାରା ବାର୍ତ୍ତା ବାଣ୍ଟିଥିଲା।


ଇଦ୍ ଅବସରରେ ଏକାଠି ହୋଇଥିବା ପଠାନ କ୍ଲବର ସଦସ୍ୟଙ୍କ ସମେତ ଅନ୍ୟମାନେ।

## ବଜରଙ୍ଗ କ୍ଲବ ସମ୍ବର୍ଦ୍ଧିତ


ଅତିଥିଙ୍କ ଗହଣରେ ସମ୍ମାନିତ ହୋଇଥିବା ବଜରଙ୍ଗ କ୍ଲବର ସଦସ୍ୟମାନେ।

ଢେଙ୍କାନାଳ ଅଫିସ, ୨୨।୪

ପୁରୀ ସଂସ୍କୃତି ଭବନଠାରେ ଆୟୋଜିତ ଏକ ଉତ୍ସବରେ ରାଜ୍ୟ ସମାଜସେବୀ ମହାସଂଘ ପକ୍ଷରୁ ଢେଙ୍କାନାଳର ଯୁବ ସ୍ୱେଚ୍ଛାସେବୀ ସଙ୍ଗଠନ ବଜରଙ୍ଗ କ୍ଲବକୁ ସମ୍ବର୍ଦ୍ଧିତ କରାଯାଇଛି। ସମାରୋହରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତୀ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ବିଧାୟକ ଅରବିନ୍ଦ ଢାଲି, ରାଜ୍ୟ ସମାଜସେବୀ ମହାସଂଘର ମହାସଚିବ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ, ସଭାପତି ନରୋତ୍ତମ ଦାସ, ଉପସଭାପତି ସନ୍ଦୀପ ଷଡ଼ଙ୍ଗୀ, ସମ୍ପାଦକ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବର ସଭ୍ୟ ରାଜେନ୍ଦ୍ର ମହାପାତ୍ର, ଶୁଭମ୍ ଗୁରୁ, କିରଣ ବେହେରା ସମ୍ବର୍ଦ୍ଧନା ବାବଦ ଟ୍ରଫି ଗ୍ରହଣ କରିଥିଲେ।

ଦୀର୍ଘ ୨୫ ବର୍ଷ ଧରି ରକ୍ତଦାନ ଶିବିର ଆୟୋଜନ କରି ବଜରଙ୍ଗ କ୍ଲବ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। କ୍ରମାଗତ ୮ବର୍ଷ ହେଲା ସର୍ବାଧିକ ରକ୍ତ ସଂଗ୍ରହକାରୀ ଯୁବ ଅନୁଷ୍ଠାନ ଭାବେ ଜିଲା ପ୍ରଶାସନଠାରୁ ଉଚ୍ଚ ପ୍ରଶଂସିତ ହୋଇଛି। ଏହାକୁ ବାଦ୍‌ଦେଲେ ବୁଲାପ୍ରାଣୀ ପାଇଁ ଖାଦ୍ୟ ପାନୀୟ ବ୍ୟବସ୍ଥା, ଅସହାୟଙ୍କ ସେବା, ପାନୀୟ ଜଳଯୋଗାଣ, ଚାରାରୋପଣ, ଅପହଞ୍ଚ ଅଞ୍ଚଳରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ଜନତାଙ୍କ ଶ୍ରଦ୍ଧାଭାଜନ ହୋଇପାରିଛି।

## ସଂକ୍ଷେପରେ

### ପୋଲିସ ପାଟ୍ରୋଲିଂ ଗାଡ଼ି ଭଙ୍ଗାରୁଜା ଘଟଣାରେ ୨ ଗିରଫ

**ରାଉରକେଲା ଅଫିସ,୨୨।୪:** ପୋଲିସ ପାଟ୍ରୋଲିଂ ଗାଡ଼ି ଭଙ୍ଗାରୁଜା ଘଟଣାରେ ସେକ୍ଟର-୭ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସତ୍ୟଜିତ ପ୍ରଧାନ(୨୩) ଓ ଶ୍ୟାମସୁନ୍ଦର ପାଣିଗ୍ରାହୀ(୨୧)। ପୋଲିସ ଏ ନେଇ ଏକ ମାମଲା (ନଂ.୬୨।୨୩) ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ସେକ୍ଟର-୭ ପିଏନ୍‌ଟି କଲୋନୀର ସତ୍ୟଜିତ ଓ ଶ୍ୟାମସୁନ୍ଦର ଶୁକ୍ରବାର ବିଳମ୍ବିତ ରାତିରେ ସେକ୍ଟର-୬ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନିକଟ ମାର୍କେଟ କମ୍ପ୍ଲେକ୍ସର ବସି ମଦ୍ୟପାନ କରୁଥିଲେ। ଏହି ସମୟରେ ନାଇଟ ପାଟ୍ରୋଲିଂ କରୁଥିବା ପୋଲିସ ଟିମ୍ ସେଠାରେ ଅଟକି ସେମାନଙ୍କୁ ବିଳମ୍ବିତ ରାତିରେ ବାହାରେ ନ ବୁଲିବା ପାଇଁ ବାରଣ କରିବାରୁ ଯୁବକ ଦ୍ୱୟ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ପାଟ୍ରୋଲିଂ ଗାଡ଼ି ଭଙ୍ଗାରୁଜା କରିଥିଲେ। ପୋଲିସ ଯୁବକ ଦ୍ୱୟଙ୍କୁ ଥାନାକୁ ଆଣିବା ପରେ ସେମାନେ ଥାନାରେ ଥିବା ଅନ୍ୟ କର୍ମଚାରୀଙ୍କୁ ମଧ୍ୟ ନିଶାସକ୍ତ ଅବସ୍ଥାରେ ଦୁର୍ବ୍ୟବହାର କରିଥିଲେ।

### ସୁନ୍ଦରଗଡ଼ରେ ପବନ ସହ ବର୍ଷା: ବିଦ୍ୟୁତ୍ ସରବରାହ ବ୍ୟାହତ

**ସୁନ୍ଦରଗଡ଼,୨୨।୪(ଡି.ଏନ.ଏ.):** ଶନିବାର ଅପରାହ୍ନ ସାଢେ ୩ଟାରୁ ସୁନ୍ଦରଗଡରେ ପବନ, ବିଜୁଳି, ଘଡଘଡି ସହ ତୁହାକୁ ତୁହା ଝିପିଝିପି ବର୍ଷା ହୋଇଛି। ବହୁ ଦିନ ପରେ ବର୍ଷା ହେବା ପରେ ଖରା ତାତିରୁ ଆଶ୍ୱସ୍ତି ମିଳିଛି। ଜିଲାର ସୁନ୍ଦରଗଡ, ହେମଗିର ,ଟାଙ୍ଗରପାଲି, ସବଡେଗା,ଲେଫ୍ରିପଡା, ବଡଗାଁ, କୁତ୍ରା ଆଦି ବ୍ଲକରେ ଏହି ବର୍ଷା ହୋଇଛି। ବର୍ଷା ପବନ ଯୋଗୁ ସୁନ୍ଦରଗଡ ସହର ସମେତ ଅନେକ ସ୍ଥାନରେ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଛି।

### କଳାକାର ମହାସଂଘର ବୈଠକ

**ହେମଗିର,୨୨।୪(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ହେମଗିରଠାରେ ମା' ମାଣିକେଶରୀ କଳାକାର ମହାସଂଘର ୨୬ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାସଂଘର ଉପଦେଷ୍ଟା ଶୁକାନ୍ତ ପତି,ବଳରାମ ପଧାନ, ଜଦୁ କୁମାର ପାଣିଗ୍ରାହୀ ଯୋଗଦେଇ ସଂଘର ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସଭାପତି ଭାବେ ରାଜେନ୍ଦ୍ର କୁମାର ହୋତାଙ୍କୁ ଚୟନ କରାଯାଇଥିବାବେଳେ ଜଗନ୍ନାଥ ମିଶ୍ରଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା। ପରେ କଳାକାରମାନଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଆର୍‌ଏସ୍‌ପିର ମିନି ମାରାଥନ

**ରାଉରକେଲା ଅଫିସ,୨୨।୪:** ଆର୍‌ଏସ୍‌ପି ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିଶମ ସେବା ସପ୍ତାହ ପାଳନ ଉପଲକ୍ଷେ ଏକ ମିନି ମାରାଥନ ଆୟୋଜିତ ହୋଇଯାଇଛି। ଏହି ମାରାଥନ ଶିଳ୍ପ କୋଣାର୍କ ପରିସରରୁ ସକାଳ ୭ଟା ୩୦ ମିନିଟ୍‌ରେ ବାହାରିଥିଲା। ମାରାଥନ ପ୍ରାୟ ୫.୪ କି.ମି. ସମ୍ପୂର୍ଣ୍ଣ କରିଥିଲା। ଏଥିରେ ସେବା ବିଭାଗର ଜିଏମ୍ ଇନ୍‌ଚାର୍ଜ ଜୀବନ ବଲ୍ଲଭ ପଟ୍ଟନାୟକ ଓ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ। ମାରାଥନରେ ୭୬ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଫିଟ୍ ଇଣ୍ଡିଆ ଅଭିଯାନକୁ ସଫଳ କରିବା ମାରାଥନର ପ୍ରମୁଖ ଉଦ୍ଦେଶ୍ୟ ଥିଲା।

# ଜଳସେଚନ ପାଇଁ କ୍ଷେତ ପୋଖରୀ, ଗଭୀର କୂଅ

**ସୁନ୍ଦରଗଡ଼,୨୨।୪(ଡି.ଏନ.ଏ.)**

- ଉପକୃତ ହେଉଛନ୍ତି ଜନଜାତି ବର୍ଗର ଚାଷୀ
- ସ୍ଥାନୀୟ ଶ୍ରମଜୀବୀଙ୍କୁ ଜୀବିକା

ଚାଷଜମିକୁ ଜଳ, ଚାଷୀଙ୍କୁ ବଳ। ଏହାକୁ ଦୃଷ୍ଟିରେ ରଖି ସୁନ୍ଦରଗଡ଼ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ପକ୍ଷରୁ ବିଶେଷ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଜନଜାତି ବର୍ଗର ଚାଷୀଙ୍କ ଜମିକୁ ଜଳସେଚନ ସୁବିଧା ଲାଗି କ୍ଷେତ ପୋଖରୀ ଏବଂ ଗଭୀର କୂଅ ଖୋଳିବା ଲାଗି ପ୍ରୋତ୍ସାହନ ଦିଆଯାଉଛି। ସୁନ୍ଦରଗଡ଼ ଜିଲାରେ ଭଲ ଫସଲ ଅମଳ ପାଇଁ ଜଳସେଚନର ଆବଶ୍ୟକତା ରହିଥିବାରୁ ଚାଷୀଙ୍କ ଜମିରେ କ୍ଷେତ ପୋଖରୀ ଏବଂ ଗଭୀର କୂଅ ଖୋଳାଯାଉଛି। ଏହା ସୁନ୍ଦରଗଡ଼ ଆଇଟିଡିଏ ଅଧୀନରେ ଥିବା ସମସ୍ତ ୯ଟି ବ୍ଲକରେ କାର୍ଯ୍ୟକାରୀ କରାଯାଉଛି। ଏହା ଦ୍ୱାରା ଚାଷ ଜମିକୁ ନିରନ୍ତର ଭାବେ ଜଳସେଚନର ସୁବିଧା ମିଳିପାରୁଛି। 'ଆଦିବାସୀ ବର୍ଗର ଚାଷୀମାନଙ୍କ ସୁବିଧା ଲାଗି ଆଇଟିଡିଏ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ସେଥିମଧ୍ୟରୁ ଜଳସେଚନ ହେଉଛି ଏକ ପ୍ରମୁଖ କାର୍ଯ୍ୟକ୍ରମ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ହିତାଧିକାରୀମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ଜମିରେ କ୍ଷେତ ପୋଖରୀ ଏବଂ ଗଭୀର କୂଅ ଖୋଳାଯାଉଛି। ଏଥିରେ ସ୍ଥାନୀୟ ଶ୍ରମଜୀବୀମାନଙ୍କୁ ଯୋଡ଼ି ସେମାନଙ୍କୁ ଜୀବିକା ଦିଆଯାଉଛି ବୋଲି ସୁନ୍ଦରଗଡ଼ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ କହିଛନ୍ତି। ୨୦୨୦-୨୧ ବର୍ଷରୁ ୨୦୨୨-୨୩ ଭିତରେ ମୋଟ ୪୭ଟି କ୍ଷେତ ପୋଖରୀ ଖୋଳା ଯାଇଛି। ସେହିପରି ୮୫ଟି ଗଭୀର କୂଅ ଖୋଳାଯାଇଛି। ଏହି କ୍ଷେତ ପୋଖରୀ ଏବଂ ଗଭୀର କୂଅ ଖୋଳିବା ଲାଗି ଚାଷୀମାନେ ଗ୍ରାମସଭା ଜରିଆରେ ଆବେଦନ କରୁଛନ୍ତି। ଗ୍ରାମସଭାରେ ଏହା ପାରିତ ହେବା ପରେ ଆଇଟିଡିଏର ଅଧିକାରୀ କ୍ଷେତ୍ର ଅନୁଧ୍ୟାନ କରି ଯୋଗ୍ୟ ହିତାଧିକାରୀ ଚିହ୍ନଟ କରୁଛନ୍ତି।


ସୁନ୍ଦରଗଡ଼ ଜିଲାରେ ଜଣେ ଚାଷୀଙ୍କ ଜମିରେ ଗଭୀର କୂଅ ଖୋଳାଯାଇଛି।

'ଆଗରୁ ଚାଷ କାମ ଲାଗି ବର୍ଷା ଜଳ ଏକମାତ୍ର ଭରସା ଥିଲା। ହେଲେ ଏବେ ମୋ' ଜମିରେ କ୍ଷେତ ପୋଖରୀ ଖୋଳାଯାଇଛି। ଚାଷ କାମରେ ଆଉ ଅସୁବିଧା ହେଉନାହିଁ। ପୋଖରୀରୁ ପାଣି ଉଠାଇ ବିଭିନ୍ନ ପ୍ରକାରର ପନିପରିବା ଚାଷ କରୁଛି। ଅମଳ ହେଉଥିବା ପନିପରିବାକୁ ପାଖ ବଜାରରେ ବିକ୍ରି କରି ଭଲ ଦି'ପଇସା ରୋଜଗାର କରୁଛି ବୋଲି ଲେଫ୍ରିପଡ଼ା ବ୍ଲକ ମଗରକୁଣ୍ଡା ଗ୍ରାମର ଜଣେ ଚାଷୀ ଡିଲେଶ୍ୱର ପ୍ରଧାନ କହିଛନ୍ତି। 'ଆଇଟିଡିଏର ପ୍ରୋତ୍ସାହନ ଫଳରେ ମୋ' ଜମିରେ ଗୋଟିଏ କୂଅ ଖୋଳିଛି। ଏଥିରୁ ମୁଁ ମୋ' ଚାଷଜମିକୁ ସୁବିଧାରେ ପାଣି ମଡ଼ାଇ ପାରୁଛି। ଜଳସେଚନ ଲାଗି ଆଗରୁ ଯେଉଁ ଅସୁବିଧା ଥିଲା ତାହା ଦୂର ହୋଇପାରିଛି ବୋଲି କହନ୍ତି ସବଡେଗା ବ୍ଲକ ଭଗପାଲି ଗ୍ରାମର ଜଣେ ମହିଳା ଚାଷୀ ଝୁମକି ନାଏକ। ଜିଲାର ଚାଷୀମାନଙ୍କ ଜୀବିକାକୁ ଏକ ନୂଆ ଦିଗ ଦେଖାଇବାରେ ଏହି ଜଳସେଚନ ପ୍ରକଳ୍ପ ପ୍ରମୁଖ ଭୂମିକା ଗ୍ରହଣ କରିଛି। ତା'ଛଡ଼ା ଭୂତଳ ଜଳସ୍ତର ହ୍ରାସକୁ ନିୟନ୍ତ୍ରଣ କରିବା ସହିତ ମୃତ୍ତିକା ସଂରକ୍ଷଣ ଆଦି ଦିଗରେ ମଧ୍ୟ ଏହା ବିଶେଷ ସହାୟକ ହେଉଛି। ସୁନ୍ଦରଗଡ଼ରେ କ୍ଷେତ ପୋଖରୀ ଏବଂ କୂଅ ଖୋଳାଯିବା ଫଳରେ ଚାଷଜମି ଆଉ ଆଗଭଳି ପଡ଼ିଆ ପଡୁନାହିଁ। ବର୍ଷ ସାରା ଜମିରେ ବିଭିନ୍ନ ପ୍ରକାରର ଫସଲ ହେଉଛି।

## ମେ' ପହିଲାରୁ ସୁନ୍ଦରଗଡ଼ରେ ଖୋଲିବ ତୃଣମୂଳ ଫୁଟବଲ ପ୍ରଶିକ୍ଷଣ କେନ୍ଦ୍ର

**ସୁନ୍ଦରଗଡ଼,୨୨।୪(ଡି.ଏନ.ଏ.)**

ଫୁଟବଲ ଆସୋସିଏସନ ଅଫ ଓଡିଶା (ଫାଓ) ଏବଂ ଜିଲା କ୍ରୀଡା ସଂସଦର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ମିଶନରୋଡସ୍ଥିତ ସେଣ୍ଟ ଟେରେସା ବିଦ୍ୟାଳୟରେ ଆସନ୍ତା ମେ ପହିଲାରୁ ଖୋଲିବ ତୃଣମୂଳ ଫୁଟବଲ ପ୍ରଶିକ୍ଷଣ କେନ୍ଦ୍ର। ଏଥିରେ ଭାଗ ନେବା ପାଇଁ ନାମ ପଞ୍ଜିକରଣର ଶେଷ ତାରିଖ ହେଉଛି ଚଳିତ ଅପ୍ରେଲ ୨୭ ତାରିଖ। ଏଥିରେ ୮ରୁ୧୨ବର୍ଷ ବୟସର ବାଳିକା ଓ ବାଳକ ଆସନ୍ତା ୨୩ ତାରିଖ ଠାରୁ ନିଜର ଜନ୍ମ ତାରିଖ ପ୍ରମାଣପତ୍ର ଓ ଆଧାର କାର୍ଡ ସୁନ୍ଦରଗଡ ଷ୍ଟାଡିୟମରେ ଦାଖଲ କରି ନାମ ପଞ୍ଜିକରଣ କରିପାରିବେ। ଏଥିରେ ବହୁ ସଂଖ୍ୟାରେ ବାଳିକା ବାଳକ ଭାଗ ନେଇ ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରଶିକ୍ଷଣ ନେବା ପାଇଁ ସୁନ୍ଦରଗଡ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ଅନୁରୋଧ କରିଛନ୍ତି।

# ଅଗ୍ନିସୁରକ୍ଷା ପ୍ରଶିକ୍ଷଣ



ଭୁବନର ଏକ ଶପିଂ ମଲ୍‌ରେ ମକଡ୍ରିଲ୍ ଅବସରରେ ଅଗ୍ନିଶମ କର୍ମଚାରୀ

**ଢେଙ୍କାନାଳ ଅଫିସ/ଭୁବନ(ଡି.ଏନ୍.ଏ.), ୨୨।୪**

ଅଗ୍ନିଶମ ନିରାପତ୍ତା ସପ୍ତାହ ପାଳନ ଉପଲକ୍ଷେ ଢେଙ୍କାନାଳ ସହର ଶ୍ୟାମାଚରଣପୁର ସ୍ଥିତ ୩୩/୧୧ କେଭି ବିଦ୍ୟୁତ୍ ଷ୍ଟ୍ରକ୍‌ଚର ପରିସରରେ ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟୁତ୍ ଷ୍ଟ୍ରକ୍‌ଚର ଭଳି ସମ୍ବେଦନଶୀଳ ସ୍ଥାନରେ ଅଗ୍ନିକାଣ୍ଡ ଘଟିଲେ, କିଭଳି ନିଆଁକୁ ତ୍ୱରିତ ଆୟତ୍ତ କରାଯିବ ସେ ସମ୍ପର୍କରେ କୌଶଳ ପ୍ରଦର୍ଶନ କରାଯାଇଥିଲା। ଜିଲା ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ଧଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଷ୍ଟ୍ରକଚର ଇନ୍‌ଚାର୍ଜ ହିମାଦ୍ରୀ ଶେଖର ବେହେରାଙ୍କ ସମେତ ୫୦ ବିଦ୍ୟୁତ୍ ବିଭାଗ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ।

ଅନୁରୂପ ଭାବେ ଭୁବନ ଅଗ୍ନିଶମ ବାହିନୀ ପକ୍ଷରୁ ଅଗ୍ନିଶମ ନିରାପତ୍ତା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ସହରରେ ଡାକବାଜି ଯନ୍ତ୍ର ସହାୟତାରେ ପ୍ରଚାର କରି ଜନସଚେତନତା ସୃଷ୍ଟି କରାଯାଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନ, ପେଟ୍ରୋଲ ପମ୍ପ, ଶପିଂ ମଲ୍‌ରେ ମକ୍‌ଡ୍ରିଲ୍, ଅଗ୍ନି ପ୍ରତିରୋଧୀ ସୁରକ୍ଷା ଉପକରଣ ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଅଗ୍ନିଶମ କେନ୍ଦ୍ର ଅଧିକାରୀ ମନୋରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଆଗ୍ନିକ ମଧୁସୂଦନ ମହାନ୍ତି, ଅମରଜିତ ରାଉତ, ସୂର୍ଯ୍ୟକାନ୍ତ ସେଠୀ, ଆଶିଷ ପୃଷ୍ଟି ପ୍ରମୁଖ ଅଗ୍ନିକାଣ୍ଡର ସମ୍ଭାବ୍ୟ କାରଣ, ନିରାକରଣ ଏବଂ ପ୍ରତିରୋଧ ସମ୍ପର୍କିତ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ ।


ଶ୍ୟାମାଚରଣପୁର ବିଦ୍ୟୁତ୍ ଷ୍ଟ୍ରକ୍‌ଚରରେ କର୍ମଚାରୀମାନେ କୌଶଳ ପ୍ରଦର୍ଶନ ।

## ପ୍ରଦର୍ଶିତ ହେଲା ବିଭିନ୍ନ କିସମର ଜଙ୍ଗଲି ମଞ୍ଜି

**ସୁନ୍ଦରଗଡ଼,୨୨।୪(ଡି.ଏନ.ଏ.)**

**ସୁନ୍ଦରଗଡ଼ ବନଖଣ୍ଡସ୍ତରୀୟ ବିଶ୍ୱ ଧରିତ୍ରୀ ଦିବସ ପାଳିତ**

ସୁନ୍ଦରଗଡ଼ ବନଖଣ୍ଡସ୍ତରୀୟ ବିଶ୍ୱ ଧରିତ୍ରୀ ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ସୁନ୍ଦରଗଡ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ ଓ ସହକାରୀ ବନ ସଂରକ୍ଷକ ମୋହନ ହେମ୍ବ୍ରମଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟ ନିକଟରୁ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ ଏବଂ ବନ ବିଭାଗର ବନରକ୍ଷୀ, ବନପାଳ ଏବଂ ବନାଞ୍ଚଳ ଅଧିକାରୀମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସୁନ୍ଦରଗଡ ବନଖଣ୍ଡ ଅଧିନସ୍ଥ ଛଅ ଗୋଟି ବନାଞ୍ଚଳର ଜଙ୍ଗଲ ପରିସୀମା ମଧ୍ୟରେ ମିଳୁଥିବା ବିଭିନ୍ନ ବୃକ୍ଷ ଲତାଗୁଡିକରୁ ଉପଲବ୍ଧ ନାନା କିସମର ମଞ୍ଜିକୁ ନେଇ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଦର୍ଶନୀରେ ସର୍ବାଧିକ ୮୧ ପ୍ରଜାତିର ମଞ୍ଜି ପ୍ରଦର୍ଶିତ କରି ଉଜ୍ଜଳପୁର ବନାଞ୍ଚଳ ପ୍ରଥମ ସ୍ଥାନ ଅଧିକାର କରିଥିଲାବେଳେ ପାରମ୍ପରିକ ପଦ୍ଧତିରେ ମଞ୍ଜି ସଂଗ୍ରହ କରିବା ଏବଂ ସଂରକ୍ଷଣର କୌଶଳ ପ୍ରଦର୍ଶନ କରି ବଡଗାଁ ବନାଞ୍ଚଳ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଥିବା ସଭା କକ୍ଷରେ ବିଶ୍ୱ ଧରିତ୍ରୀ ଦିବସକୁ ନେଇ ଅନୁଷ୍ଠିତ ସଚେତନତା ଶିବିରରେ ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବନାଞ୍ଚଳକୁ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯାଇଥିଲା। ସହକାରୀ ବନ ସଂରକ୍ଷକ ମୋହନ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁନ୍ଦରଗଡ ଏବଂ ଉଜ୍ଜଳପୁର ବନାଞ୍ଚଳର ବନାଞ୍ଚଳ ଅଧିକାରୀ ଅରୁଣ କୁମାର ବେହେରା, ଗୋପାଳପୁର ବନାଞ୍ଚଳର ବନାଞ୍ଚଳ ଅଧିକାରୀ ପରମାନନ୍ଦ ଗଡନାୟକ, ବଡଗାଁ ବନାଞ୍ଚଳର ବନାଞ୍ଚଳ ଅଧିକାରୀ ଉମାଶଙ୍କର ନାୟକ, ଲେଫ୍ରିପଡା ବନାଞ୍ଚଳ ଅଧିକାରୀ ଅଶିନୀ କୁମାର ପଟେଲ ଏବଂ ହେମଗିରି ବନାଞ୍ଚଳ ଅଧିକାରୀ ପ୍ରକାଶ ଚନ୍ଦ୍ର ନାଏକ ପ୍ରମୁଖ ପରିଚାଳନା କରିଥିଲେ।

# ବାଲିଘାଟରେ ଏସ୍‌ଟିଏଫ୍ ଚଢ଼ାଉ


ବାଲିଘାଟରେ ଏସ୍‌ଟିଏଫ୍ ଚଢାଉ କରି ହାଇୱା ଜବତ କରିଛି।

**ଦେବଗଡ଼,୨୨।୪(ଡି.ଏନ୍.ଏ.)**

**୩ ଲକ୍ଷ ୨୪ ହଜାର ୬ ଶହ ଜରିମାନା କଲେ ତହସିଲଦାର**

ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ସିଂଶାଲ ଓ ସିଙ୍ଗୁରି ବାଲିଘାଟରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ପକ୍ଷରୁ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଚଢ଼ାଉ କରାଯାଇଛି। ଉକ୍ତ ଘଟଣାରେ ବାରକୋଟ ତହସିଲ ପକ୍ଷରୁ ୩ ଲକ୍ଷ ୨୬ ହଜାର ୬ ଶହ ଟଙ୍କା ଜରିମାନା କରାଯିବା ସହ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି। ସିଂଶାଲରୁ ୭ ଓ ସିଙ୍ଗୁରି ବାଲିଘାଟରୁ ୩ ମୋଟ ୧୦ ହାଇୱା ଜବତ କରାଯିବା ସହ ୧୦ ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି ଏସ୍‌ଟିଏଫ୍ । ଅନ୍ୟ ପକ୍ଷରେ ବାଲି ଟ୍ରକ ଧକ୍କାରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ଗାଡି ଭାଙ୍ଗିଥିବା ଦେଖିବାକୁ ମିଳିଛି। ବାରକୋଟ ଥାନାରେ ତହସିଲଦାର ତାପସ ଭୋଇ ପହଞ୍ଚି ଯାଞ୍ଚ କରି ଜରିମାନା କରିଥିବାବେଳେ ଏସଟିଏଫ୍‌ର ରାତି ଅଧିଆ ଚଢ଼ାଉ ଫଳରେ ବାଲିମାଫିଆଙ୍କ ମଧ୍ୟରେ କୋକୁଆ ଭୟ ଦେଖାଯାଇଛି। ତେବେ ତହସିଲ କାର୍ଯ୍ୟାଳୟ ନାକ ତଳେ ବେଆଇନ ଭାବେ ସରକାରୀ ରାଜସ୍ୱ ହରିଲୁଟ ହେଉଥିବାବେଳେ ତହସିଲ କର୍ତ୍ତୃପକ୍ଷ ଜାଣି ନ ପାରିବା ଏବଂ ବେଆଇନ ବାଲି ଗଚ୍ଛିତ ଓ ରାଜସ୍ୱ ଲୁଟ ସୂଚନା ପାଇ ଭୁବନେଶ୍ୱରରୁ ଏସ୍‌ଟିଏଫ୍ ଆସି ଚଢ଼ାଉ କରିବା ବାରକୋଟ ତହସିଲ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ଦକ୍ଷତା ନେଇ ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ପର୍ଶୁରାମ ଜୟନ୍ତୀ

**ସୁନ୍ଦରଗଡ଼,୨୨।୪(ଡି.ଏନ.ଏ.)**

ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ଶନିବାର ସନ୍ଧ୍ୟାରେ ପର୍ଶୁରାମ ଜୟନ୍ତୀ ପାଳନ କରାଯାଇଛି। ଜିଲା ସଭାପତି ଚିନ୍ମୟ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲା ସାଧାରଣ ସମ୍ପାଦକ ବେଣୁମାଧବ ତ୍ରିପାଠୀ, ଅବନୀ ପୁରୋହିତ, କୃଷ୍ଣ ପଣ୍ଡା, ମୁରାରୀ ଯୋଷୀ, ବିଶ୍ୱଜିତ ପୂଝାରୀ, ଅଜୟ କୁମାର ପଣ୍ଡା ପ୍ରମୁଖ ପର୍ଶୁରାମଙ୍କ ଗୁଣଗାନ କରିଥିଲେ ଏବଂ ତାଙ୍କ ପଦାଙ୍କ ଅନୁସରଣ କଲେ ବ୍ରହ୍ମ ସମାଜର ଉନ୍ନତି ହେବ କହିଥିଲେ।

## କୋଇଲା ଗୁଣ୍ଡ ଉଡ଼ି ପ୍ରଦୂଷଣ ଆସ୍ତରଣ



**କୁତ୍ରା, ୨୨।୪(ଡି.ଏନ.ଏ.)**

କୋଇଲା ଗୁଣ୍ଡ ଉଡ଼ି ସୁନ୍ଦରଗଡ଼ ଜିଲା କୁତ୍ରା ଅଞ୍ଚଳ ପ୍ରଦୂଷଣର ଆସ୍ତରଣରେ ଛାଇ ହୋଇଛି। ଚାରିପଟେ କେବଳ ପ୍ରଦୂଷଣ ହିଁ ପ୍ରଦୂଷଣ। ଏହି ପ୍ରଦୂଷଣ ଯୋଗୁ ସାଧାରଣ ଲୋକଙ୍କ ଜୀବନ ଅସ୍ତବ୍ୟସ୍ତ ହୋଇପଡିଲାଣି। ଶନିବାର ଅପରାହ୍ନରେ ସାମାନ୍ୟ ପବନ ହେବା ଫଳରେ ୧୦ନମ୍ବର ରାଜ୍ୟ ରାଜପଥ ସହିତ ବିଭିନ୍ନ ଅଞ୍ଚଳରେ କଳା ଆସ୍ତରଣରେ ଛାଇ ହୋଇଥିଲା। ସବୁଆଡ଼େ କେବଳ କଳାମୟ ଦେଖିବାକୁ ମିଳିଥିଲା। ଏତେ ମାତ୍ରାରେ କୋଇଲା ଗୁଣ୍ଡ ଉଡୁଥିଲା ଯେ ରାଜ୍ୟ ରାଜପଥ କଡ଼ରେ ଥିବା ଦୋକାନ ବଜାର, ଦୁଇ ଚକିଆ ଓ ବସ ଗୁଡିକରେ ଯିବା ଆସିବା କରୁଥିବା ଲୋକେ ମଧ କଳା ହୋଇଯାଇଥିଲେ। କିଛି ସମୟ ପାଇଁ ଲୋକେ ସମ୍ପୂର୍ଣ୍ଣ ରୂପରେ ମୁହଁ ଢାଙ୍କି ରହିଯାଇଥିଲେ। ଅଞ୍ଚଳରେ ଥିବା ବିଭିନ୍ନ କଳକାରଖାନା, ଇଟା ଭାଟି ପାଇଁ ଏଭଳି ପ୍ରଦୂଷଣ ହେଉଥିବା ଅଭିଯୋଗ ଆଣିଛନ୍ତି ଲୋକେ। ଏହା ସହିତ ରାସ୍ତା କଡ଼ଗୁଡିକରେ ବିଭିନ୍ନ କାରଖାନା ଗୁଡିକରୁ କୋଇଲା ଆସି ପଡୁଛି। ଫଳରେ ସାମାନ୍ୟ ପବନ ହେଲେ ଉଡିବାରେ ଲାଗୁଛି। ଆଗକୁ ଆହୁରି ପ୍ରଦୂଷଣର ମାତ୍ରା ବଢିବ। ଏଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ଚାରା ରୋପଣ ନିମନ୍ତେ ପରାମର୍ଶ



ଅତିଥିଙ୍କ ସହ ରାମେଶ୍ୱର ୟୁଥ୍ କ୍ଲବ କର୍ମକର୍ତ୍ତାମାନେ।

**ଅନୁଗୋଳ ଅଫିସ, ୨୨।୪**

ଅନୁଗୋଳ ବ୍ଲକ ଖଲାରୀ ଗ୍ରାମର ରାମେଶ୍ୱର ୟୁଥ୍ କ୍ଲବ ପକ୍ଷରୁ ସୁଜିତ ଗୁରୁକୁଳ ଠାରେ ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। କ୍ଲବ ସଭାପତି ଶୁଭ୍ରାଂଶୁ ଶେଖର ସାହୁଙ୍କ ଉଦ୍ୟମରେ ଏହି ଅବସରରେ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଅଜୟ ଭାଇ, ସମ୍ମାନିତ ଅତିଥି ଭାବେ ଉତ୍କଳ ସମ୍ମିଳନୀ ଅନୁଗୋଳ ଶାଖା ସମ୍ପାଦକ ଧନେଶ୍ୱର ସାହୁ, ମୁଖ୍ୟବକ୍ତା ଭାବେ ପରିବେଶବିତ୍ ଦେବାଶିଷ ପଟ୍ଟନାୟକ, ଶ୍ରୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ସରଳ ଜୀବନ ଯାପନ ସହିତ ବ୍ୟାପକ ଚାରା ରୋପଣ ନିମନ୍ତେ ପରାମର୍ଶ ଦେଇଥିଲେ। ସାମାଜିକ କର୍ମୀ ଲିପିକା ମହାପାତ୍ର ସଭା ପରିଚାଳନା କରିଥିଲେ। କ୍ଲବ ସମ୍ପାଦକ ସୁଶୀଲ କୁମାର ସାହୁ, ଅଭିଷେକ ସାହୁ, ରାକେଶ ରଞ୍ଜନ ସାହୁ, ସତ୍ୟବ୍ରତ ସାମଲ, ବିଚିତ୍ରାନନ୍ଦ ନାୟକ, ପ୍ରଶାନ୍ତ ମହାକୁଡ଼ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରଥମ ସନ୍ଧ୍ୟାରେ 'ବିଶ୍ୱାସର ଆତ୍ମଲିପି' ମଞ୍ଚସ୍ଥ

**ରାଉରକେଲା ଅଫିସ,୨୨।୪**

**୨୪ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ**

ରାଉରକେଲାର ଅଗ୍ରଣୀ ସାରସ୍ୱତ ଏବଂ ସାଂସ୍କୃତିକ ଅନୁଷ୍ଠାନ ସ୍ୱସ୍ତି ସାହିତ୍ୟ ସଂସଦର ୪୩ତମ ବାର୍ଷିକୋତ୍ସବ ତଥା ସ୍ୱସ୍ତି ଝଙ୍କାର ଆୟୋଜିତ ୨୪ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଶନିବାର ସିଭିକ୍ ସେଣ୍ଟରରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ସନ୍ଧ୍ୟାରେ ନାଟ୍ୟକାର ଡ. ସୁଧାଂଶୁ ନାୟକଙ୍କ ଦ୍ୱାରା ରଚିତ ଓ ରାଜୀବ ପାଣିଙ୍କ ନିର୍ଦ୍ଦେଶିତ ସ୍ୱସ୍ତି ଝଙ୍କାର ପ୍ରଯୋଜିତ ନାଟକ 'ବିଶ୍ୱାସର ଆତ୍ମଲିପି' ମଞ୍ଚସ୍ଥ ହୋଇଥିଲା। ନାଟକରେ ବାସ୍ତବରେ ସ୍ୱାମୀ ଓ ସ୍ତ୍ରୀ ହେଉଛନ୍ତି ପ୍ରକୃତି ଏବଂ ପୁରୁଷ। 'ପ୍ରକୃତି ଓ ପୁରୁଷ ନିବିଡ଼ତାରେ ଅନ୍ୟ ନାମ ସୃଷ୍ଟି'। କିନ୍ତୁ ସମୟ ସମୟରେ ସାମାନ୍ୟ ଭୁଲ ବୁଝାମଣା ପାଇଁ ଆନମନା ହୋଇଯାନ୍ତି। ଉଭୟଙ୍କ କାଳ କାଳର ବିଶ୍ୱାସ ନୀଡ଼ ଭାଙ୍ଗିରୁଜି ଛାରଖାର ହୁଏ। ମଣିଷର ଏଇ ପ୍ରଦୂଷିତ ମନୋଭାବ ସମଗ୍ର ଜୀବନ କାଳକୁ କ୍ଷତବିକ୍ଷତ କରିଦିଏ ଏବଂ ଯେତେବେଳେ ସତ୍ୟ ଉଦ୍‌ଘାଟିତ ହୁଏ, ପ୍ରକୃତିର ସୁନ୍ଦର ପରିମଣ୍ଡଳରୁ ଅନାବନା କଣ୍ଟାବଣକୁ ସଫା କରିବାକୁ ଚେଷ୍ଟା କରିଥାଏ ମଣିଷ। ବିନାଶର ଅନ୍ଧଗଳିରେ ସେ ନିଜେ ନିଜକୁ ଖୋଜେ। ନିରାଶାର ନିଆଁରେ ନିଜେ ସିଝୁଥାଏ ଅନବରତ। ପୁଣି ନାରୀ ରୂପୀ ପ୍ରକୃତିର ସମର୍ପିତ ଭାବ ଏବଂ ମହାନ୍ ପଣ ପ୍ରଭାବରେ ଉଭୟଙ୍କ ମିଳନ ହୁଏ। ତାକୁ ଆଧାର କରି ନାଟକ 'ବିଶ୍ୱାସର ଆତ୍ମଲିପି' ମଞ୍ଚସ୍ଥ ହୋଇଥିଲା। ନାଟକରେ ଡ. ସୁଶାନ୍ତ ପାଣି ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ବିଭିନ୍ନ ଚରିତ୍ରରେ ଅଭିନୟ କରିଥିଲେ ରାଜୀବ ପାଣି, ଗଙ୍ଗାଧର ଜେନା, ରାଜକୁମାର ମହାନ୍ତି, କିଶୋରୀ ମୋହନ କର, ବିଶ୍ୱଜିତ୍ ନାୟକ, ସ୍ୱରାଜ ଉପାଧ୍ୟାୟ, ବବିତା ମହାଳିକ ଓ ମାନସୀ ମହାପାତ୍ର ପ୍ରମୁଖ। ନାଟ୍ୟ ଅଭିନେତାଙ୍କ ଚମତ୍କାର ଅଭିନୟ ଓ ପ୍ରଳୟ ଶତପଥିଙ୍କ ମଞ୍ଚ ପରିଚାଳନା ଦର୍ଶକଙ୍କ ମନକୁ ମୋହିଥିଲା। ମହେନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱ ଓ ମୁଖ୍ୟଦର୍ଶକ ଅର୍ଚ୍ଚନା ଶତପଥିଙ୍କ ଉପସ୍ଥିତିରେ ଡାକ୍ତର ଦ୍ୱାରିକାନାଥ ନାୟକଙ୍କ ଦ୍ୱାରା ନାଟ୍ୟ ମହୋତ୍ସବ ଉଦ୍‌ଘାଟିତ ହୋଇଥିଲା।


ଉଦ୍‌ଘାଟନୀ ସନ୍ଧ୍ୟାରେ ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୩ ଏପ୍ରିଲ, ୨୦୨୩



## ସଂକ୍ଷେପରେ

### ଘରେ ପଶିଗଲା କ୍ଷତାକ୍ତ ବାର୍‌ହା

ଛେଣ୍ଡିପଦା,୨୨।୪(ସ.ପ୍ର.): ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳରୁ ଶନିବାର ଖାଦ୍ୟ ଅନ୍ୱେଷଣରେ କୋଶଳା ଚନ୍ଦନନଗର ଗ୍ରାମକୁ ପଶିଆସିଥିବା ଏକ ବାର୍‌ହା ରକ୍ତାକ୍ତ ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ଘରେ ପଶିଯାଇଥିଲା। ତେବେ ଗ୍ରାମବାସୀ ପାଟି କରିବା ପରେ ଉକ୍ତ ବାର୍‌ହା ଘରୁ ବାହାରି ଜଙ୍ଗଲକୁ ପଳାଇ ଯାଇଥିବା ସୂଚନା ମିଳିଛି। ପ୍ରକାଶ ଯେ, କୋଶଳା ନିକଟରେ ଥିବା ଜଙ୍ଗଲରୁ ଉକ୍ତ ବାର୍‌ହା ଖାଦ୍ୟ ଖୋଜି ଖୋଜି ଗ୍ରାମ ଭିତରକୁ ପଶି ଆସିଥିଲା। ହେଲେ କୌଣସି କାରଣରୁ ବାର୍‌ହାଟି ଆଘାତପ୍ରାପ୍ତ ହୋଇଥିବା ବେଳେ ମୁହଁ ରକ୍ତ ଜୁଡୁବୁଡୁ ହୋଇଯାଇଥିବା ଦେଖାଯାଇଥିଲା। ଏହି ସମୟରେ ବାର୍‌ହାଟି ଗ୍ରାମର ଲମ୍ବୋଦର ବେହେରାଙ୍କ ଘର ଭିତରକୁ ପଶିଯାଇଥିଲା। କିଛି ସମୟ ପରେ ସ୍ଥାନୀୟ ଲୋକମାନେ ତାକୁ ଘଉଡ଼ାଇ ଦେଇଥିଲେ। ଏ ନେଇ ସ୍ଥାନୀୟ ଫରେଷ୍ଟରଙ୍କୁ ଲୋକମାନେ ଖବର ଦେଇଥିଲେ ହେଁ ବିଳମ୍ବରେ ପହଞ୍ଚିବାରୁ ଅସନ୍ତୋଷ ଦେଖାଦେଇଥିଲା।



# ନୂଆ ନିଯୁକ୍ତି ନ ଥିବାରୁ ନିରାଶ

- ବଇଣ୍ଡା ମେଡିକାଲରେ ୩ ବର୍ଷ ହେଲା ନାହାନ୍ତି ଡାକ୍ତର
- ୩୫ ହଜାର ଲୋକଙ୍କୁ ମିଳୁନି ଆବଶ୍ୟକ ସ୍ୱାସ୍ଥ୍ୟସେବା
- ୬ ପଞ୍ଚାୟତବାସୀଙ୍କ ମଧ୍ୟରେ ବଢ଼ୁଛି ଅସନ୍ତୋଷ



ବଇଣ୍ଡା, ୨୨।୪ (ଡି.ଏନ.ଏ.)

୩୫ ହଜାର ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଜଣେ ଏମ୍‌ବିବିଏସ୍ ଡାକ୍ତରଙ୍କୁ ନିଯୁକ୍ତି ଦେଇଥିଲେ ସରକାର। ହେଲେ ୩ ବର୍ଷ ହେଲା ସମ୍ପୃକ୍ତ ଡାକ୍ତର ଉଚ୍ଚଶିକ୍ଷା ପାଇଁ ଚାଲିଯିବା ପରେ ଖାଲି ପଡ଼ିଛି ଅନୁଗୋଳ ଜିଲା ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସେହି ଏକମାତ୍ର ଡାକ୍ତର ପଦବୀ। କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ବଇଣ୍ଡା ଡାକ୍ତରଖାନା ଥିବାରୁ ଏହାର ଗୁରୁତ୍ୱ ବେଶ୍ ଅଧିକ। ପ୍ରାୟ ଦୈନିକ ଏକାଧିକ ଦୁର୍ଘଟଣାଗ୍ରସ୍ତଙ୍କୁ ଏଠାକୁ ଚିକିତ୍ସା ପାଇଁ ଅଣାଯାଇଥାଏ। ହେଲେ ଡାକ୍ତର ନ ଥିବାରୁ ଦୁର୍ଘଟଣାଗ୍ରସ୍ତ କିମ୍ବା ଏହା ଉପରେ ନିର୍ଭରଶୀଳ କିଶୋରନଗର ବ୍ଲକର ୬ ପଞ୍ଚାୟତବାସୀ ସ୍ୱାସ୍ଥ୍ୟସେବା ପାଇପାରୁ ନାହାନ୍ତି। ବାରମ୍ବାର ଦାବି, ଅଭିଯୋଗ ସ୍ୱତ୍ତ୍ୱେ ନୂଆ ଡାକ୍ତର ନିଯୁକ୍ତି ଦିଆଯାଉ ନ ଥିବାରୁ ଏଠାକୁ ଆସୁଥିବା ରୋଗୀଙ୍କୁ ନିରାଶ ହେବାକୁ ପଡୁଛି।

କିଶୋରନଗର ବ୍ଲକ ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନୁନୁକାପଶି, ଗାଁ ବଇଣ୍ଡା, କଣ୍ଟେଇକୋଳିଆ, ଜାମୁନାଳୀ, ଲୁହାମୁଣ୍ଡା ଓ ଆଠମଲ୍ଲିକ ବ୍ଲକର ପେଡିପଥର ପଞ୍ଚାୟତର ଲୋକେ ନିର୍ଭରଶୀଳ। ଏହି ୬ ପଞ୍ଚାୟତ ମଧ୍ୟରୁ କେତୋଟି ଗ୍ରାମ ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳ। ହେଲେ ସାମାନ୍ୟ ଜ୍ୱର ହେଲେ ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ସେବା ମିଳିପାରୁ ନାହିଁ। କାରଣ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୩ ବର୍ଷ ହେଲା ଏକମାତ୍ର ଏମ୍‌ବିବିଏସ୍ ଡାକ୍ତର ପଦବୀ ଖାଲି ପଡ଼ିଛି। ନିଯୁକ୍ତି ପାଇଥିବା ଡାକ୍ତର ଜଣକ ଉଚ୍ଚଶିକ୍ଷା ପାଇଁ ଯିବା ପରଠାରୁ ଏହି ମେଡିକାଲକୁ ଜଣେ ଆୟୁଷ ଡାକ୍ତର ସମ୍ଭାଳୁଛନ୍ତି। କିନ୍ତୁ ୨୪ ଘଣ୍ଟିଆ ସେବା ବ୍ୟବସ୍ଥା ଏଠାରେ ନାହିଁ। ଆବଶ୍ୟକ ସଂଖ୍ୟକ କର୍ମଚାରୀ ମଧ୍ୟ ନାହାନ୍ତି। ଡାକ୍ତରଙ୍କ କ୍ୱାର୍ଟର୍ସ ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ସେଠାରେ କେହି ରହୁନାହାନ୍ତି। ତେଣୁ ମେଡିକାଲକୁ ଆସୁଥିବା ରୋଗୀ, ଗର୍ଭବତୀ ମହିଳା, ଆସନ୍ନ ପ୍ରସବା ନିରାଶ ହୋଇ ଘରୋଇ ମେଡିକାଲ ନଚେତ ୩୫ କି.ମି. ଦୂର କିଶୋରନଗର ଓ ୭୦ କି.ମି. ଦୂର ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଉଛନ୍ତି। ଦୁର୍ଘଟଣାରେ ଗୁରୁତରଙ୍କୁ ମଧ୍ୟ ଏଠାରୁ ତୁରନ୍ତ ଅନୁଗୋଳ ରେଫର କରିଦିଆଯାଉଛି। ଜଣେ ସ୍ଥାୟୀ ଡାକ୍ତର ନିଯୁକ୍ତି ସହ ବଇଣ୍ଡା ମେଡିକାଲକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ ୧୦ ଡିସେମ୍ବର ୨୦୨୦, ୫ ମାର୍ଚ୍ଚ ୨୦୨୧, ୨୯ ମେ ୨୦୨୨, ୧୦ ଜାନୁୟାରୀ ୨୦୨୩ରେ ବଇଣ୍ଡା ଗ୍ରାମବାସୀ ଆଠମଲ୍ଲିକ ବିଧାୟକ, ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଏ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଥିବା ବେଳେ ଆଗାମୀ ଦିନରେ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

### କୌଣସି ପଦକ୍ଷେପ ନିଆଯାଉ ନାହିଁ



ବଇଣ୍ଡା ମେଡିକାଲରେ ଦୀର୍ଘ ବର୍ଷ ହେବ ଡାକ୍ତର ପଦବୀ ଖାଲି ପଡିଛି। ଏଠାକୁ ଆସୁଥିବା ରୋଗୀ ଡାକ୍ତରଙ୍କୁ ନ ପାଇ କିଶୋରନଗର ନ ହେଲେ ଅନୁଗୋଳ ମେଡିକାଲକୁ ଯାଉଛନ୍ତି। ବହୁବାର ଦାବି କରାଗଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ।

-ଦୀପ୍ତିମୟୀ ସାହୁ, ସରପଞ୍ଚ, ନୁନୁକାପଶି

### ରୋଗୀ ଭୋଗୁଛନ୍ତି ଅସୁବିଧା



ବଇଣ୍ଡା ମେଡିକାଲ ଜାତୀୟ ରାଜପଥ ପାର୍ଶ୍ୱରେ ରହିଥିବା ଯୋଗୁ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବାର ଆବଶ୍ୟକତା ରହିଛି। ହେଲେ ପ୍ରଶାସନ ଡାକ୍ତର ନିଯୁକ୍ତି କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଫଳରେ ରୋଗୀମାନଙ୍କୁ ଅସୁବିଧା ଭୋଗିବାକୁ ପଡୁଛି।

-ଘନଶ୍ୟାମ ବେହେରା, ଆଇନଜୀବୀ

### ରାଜ୍ୟ ସରକାର ଦୃଷ୍ଟି ଦେଉନାହାନ୍ତି



ଏହି ମେଡିକାଲ ଉପରେ ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳର ଅନେକ ଲୋକ ନିର୍ଭର କରୁଛନ୍ତି। କିନ୍ତୁ ସେମାନଙ୍କୁ ସ୍ୱାସ୍ଥ୍ୟସେବା ଠିକ୍ ଭାବେ ମିଳିପାରୁ ନାହିଁ। ବହୁ ପୁରାତନ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି।

-ରମେଶ କୁମାର ସାହୁ, ବଇଣ୍ଡା

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରାଯାଉ



ବଇଣ୍ଡା ମେଡିକାଲର ସମସ୍ୟା ସମାଧାନ ପାଇଁ ଜିଲା ପ୍ରଶାସନ ସହ ସ୍ୱାସ୍ଥ୍ୟ ବିଭାଗକୁ ବହୁବାର ଅବଗତ କରାଯାଇଛି। ହେଲେ ଏଯାଏ ସୁଫଳ ମିଳୁନାହିଁ। ଏହି ମେଡିକାଲକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରାଯାଉ।

-ରାଜା ଶର୍ମା, ବଇଣ୍ଡା

### ସରକାରଙ୍କ ଡାକ୍ତର ନିଯୁକ୍ତିକୁ ଅପେକ୍ଷା



ଜିଲାର ଅନେକ ଡାକ୍ତରଖାନାରେ ଡାକ୍ତର ପଦବୀ ଖାଲି ପଡିଛି। ଏ ନେଇ ସରକାରଙ୍କୁ ଅବଗତ କରାଯାଇଛି। ରାଜ୍ୟ ସରକାର ନୂତନ ଡାକ୍ତର ନିଯୁକ୍ତି କଲେ ବଇଣ୍ଡା ମେଡିକାଲକୁ ଡାକ୍ତର ଯୋଗାଇ ଦିଆଯିବ।

-ଡା.ତ୍ରିଲୋଚନ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ

# ଜଳସେବା କେନ୍ଦ୍ର ଉଦ୍‌ଘାଟିତ

ଆଠମଲ୍ଲିକ, ୨୨।୪ (ଡି.ଏନ.ଏ.)

ଆଠମଲ୍ଲିକ ଓକିଲ ସଂଘ ପକ୍ଷରୁ ଶନିବାର କୋର୍ଟ ପରିସରରେ ପାନୀୟ ଜଳ ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଆଠମଲ୍ଲିକ ଅତିରିକ୍ତ ଜିଲା ଓ ଦୌରାଜଜ୍ ଲକ୍ଷ୍ମୀନାରାୟଣ ରାୟଚୌଧୁରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସିଭିଲଜଜ୍ (ସିନିଅର ଡିଭିଜନ) ବିନୋଦ ବିହାରୀ ସାହୁ ଓ ଏସ୍‌ଡିଜେଏମ୍ ମାନସୀ ପ୍ରଧାନ ଯୋଗ ଦେଇଥିଲେ। ଆଇନଜୀବୀ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ପରିଷଦ ସମ୍ପାଦକ ଜିତେନ୍ଦ୍ର କୁମାର ମୁଖି, କୋଷାଧ୍ୟକ୍ଷ ବିଶ୍ୱସୁନ୍ଦର ଶତପଥୀ, ବରିଷ୍ଠ ଆଇନଜୀବୀ ଯଜ୍ଞେଶ୍ୱର ପ୍ରଧାନ, ଅସିତ ରଞ୍ଜନ ଦେଓ, ଜିତେନ କୁମାର ମିଶ୍ର, ବାମନ କୁମାର ମିଶ୍ର, ସରକାରୀ ଓକିଲ ରଞ୍ଜନ କୁମାର ବେହେରା, ଅଶୋକ କୁମାର ମହାପାତ୍ର, ରାଜେଶ କୁମାର ମିଶ୍ର, ଗଣେଶ ଚନ୍ଦ୍ର କର୍ମୀ, ନାରାୟଣ ଦାଶ, ସୁନୀଲ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଜଳପ୍ରକଳ୍ପକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

# ବ୍ରାଉନସୁଗାର ଜବତ, ଜଣେ ଗିରଫ

ଅନୁଗୋଳ ଅଫିସ, ୨୨।୪

ଅନୁଗୋଳ ଜିଲା ଅବକାରୀ ବିଭାଗ କର୍ମଚାରୀମାନେ ଶନିବାର ନାଲ୍‌କୋନଗର କନିଆବେଡା ଗାଁର ଅମୂଲ୍ୟ ଦାସଙ୍କ ପୁଅ ଅବିନାଶ ଦାଶଙ୍କୁ ଗିରଫ କରିବା ସହ ୧୬ ଗ୍ରାମ ବ୍ରାଉନସୁଗାର ଜବତ କରିଛନ୍ତି। ଅବିନାଶ ତାଳଚେର ଅଞ୍ଚଳରେ ବ୍ରାଉନସୁଗାର ବିକ୍ରି କରିବାକୁ ଗରାଖ ଅପେକ୍ଷାରେ ଥିବାବେଳେ ଅବକାରୀ କର୍ମଚାରୀମାନେ ତାଙ୍କୁ ଧରିବାରେ ସଫଳ ହୋଇଥିଲେ। ଜିଲା ଅବକାରୀ ଅଧୀକ୍ଷକ ମଧୁସ୍ମିତା ନାୟକ କହିଛନ୍ତି, ଅବିନାଶ ଦୀର୍ଘଦିନ ହେଲା ବ୍ରାଉନସୁଗାର କାରବାର କରୁଥିବାରୁ ତାଙ୍କ ଉପରେ ନଜର ରଖା ଯାଇଥିଲା। ଅବିନାଶ ବ୍ରାଉନସୁଗାର ବିକ୍ରି ପାଇଁ ତାଳଚେର ଡେରା ଛକଠାରେ ଗରାଖ ଅପେକ୍ଷାରେ ଥିବାବେଳେ ତାଳଚେର ଅବକାରୀ ଇନ୍ସପେକ୍ଟର ମଧୁସୂଦନ ବେହେରା ତାଙ୍କୁ କାବୁ କରିଥିଲେ। ଯାଞ୍ଚ ବେଳେ ତାଙ୍କ ନିକଟରୁ ୧୬ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିଲା। ଏଥିସହ ଏକ ମୋଟରସାଇକେଲ ମଧ୍ୟ ଜବତ କରାଯାଇଥିବା ଅବକାରୀ ଅଧୀକ୍ଷକ ସୂଚନା ଦେଇଛନ୍ତି।



ଅନୁଗୋଳର ଏକ ମସ୍‌ଜିଦ୍‌ଠାରେ ଶନିବାର ଇଦ୍-ଉଲ୍-ଫିତର ଅବସରରେ ମୁସଲମାନ ଭାଇମାନେ ନମାଜ ପାଠ କରୁଛନ୍ତି।

# ବିଭିନ୍ନ ସମସ୍ୟା ନେଇ ଆଲୋଚନା

ବଇଣ୍ଡା,୨୨।୪ (ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ପଞ୍ଚାୟତ ପାପସରା ଗ୍ରାମରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଟି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଭୋଳେଶ୍ୱର ସାହୁ, ଦିଲୀପ ସାହୁ, ହରି ପ୍ରଧାନ, ବେଣୁଧର ସାହୁ, ବସନ୍ତ ସାହୁ, ନରହରି ପ୍ରଧାନ, ଦେବ ସାହୁ, ସୁରମଣୀ ନାୟକ, ତରଣୀ ସାହୁ, ଲିଟୁ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ। ଏହି ବୈଠକରେ ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ କିଭଳି ଗ୍ରାମର ବିକାଶ ହୋଇପାରିବ ସେ ସମ୍ପର୍କରେ ସମସ୍ତ ଗ୍ରାମବାସୀ ଏକଜୁଟ ହୋଇ କାମ କରିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା। ପରେ ଗ୍ରାମର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଆନୁକୂଲ୍ୟ ବେହେରା, ଉପସଭାପତି ଭାବେ ବାଟି ପ୍ରଧାନ, ସମ୍ପାଦକ ଭାବେ ପୁରୁଷୋତ୍ତମ ପ୍ରଧାନଙ୍କୁ ଚୟନ କରାଯାଇଥିଲା।

# ପାଲା ପରିଷଦର ବାର୍ଷିକ ସମ୍ମିଳନୀ

ଆଠମଲ୍ଲିକ, ୨୨।୪ (ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ପାଇକସାହି ପଞ୍ଚାୟତ କାଶୀ ବିଶ୍ୱନାଥ ମନ୍ଦିର ପ୍ରାଙ୍ଗଣରେ ମା' ମାହେଶ୍ୱରୀ ପାଲା ପରିଷଦର ୨୮ ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାଶୀ ବିଶ୍ୱନାଥ ସଂକୀର୍ତ୍ତନ ମହାସଂଘ ଏହି ସମ୍ମିଳନୀର ଆୟୋଜନ କରିଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ନିରୋଜକାନ୍ତ ସାହୁ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଦସ୍ୟ ଯୁଧିଷ୍ଠିର ସିଂ, ଅନ୍ତୁଲିଆ ସରପଞ୍ଚ ମଧୁସ୍ମିତା ସାହୁ, ଟାପଡୋଲ ସରପଞ୍ଚ ଚନ୍ଦ୍ରଶେଖର ସାହୁ ଏବଂ ମୁଖ୍ୟବକ୍ତା ଭାବେ ବଇଣ୍ଡା ତ୍ରିଧାରା ସାହିତ୍ୟ ସଂସଦ ସମ୍ପାଦକ ରମେଶ ଚନ୍ଦ୍ର ମିଶ୍ର ଯୋଗଦାନ କରିଥିଲେ। ବରିଷ୍ଠ ପାଲା ଗାୟକ ବାଳକୃଷ୍ଣ ସାହୁ, ଅଶ୍ୱିନୀ କୁମାର ନନ୍ଦ, ଚୌରଚନ୍ଦ୍ର ପାତ୍ର, ଚୈତନ୍ୟ ସେଠୀ ଓ ବାୟକ ଅନାମ ନାୟକଙ୍କୁ ବିଭିନ୍ନ ଉପାଧିରେ ଭୂଷିତ କରାଯାଇଥିଲା। ଶରଣ ବିଶ୍ୱାଳ, ଶ୍ରୀକାନ୍ତ ମାହାର, ଜଗତ ମୋହନ ମିଶ୍ର, ଶମ୍ଭୁନାଥ ମିଶ୍ର ପାଲା ପରିବେଷଣ କରିଥିଲେ। ପରିଷଦ ସଭାପତି ଶ୍ରୀକାନ୍ତ ମାହାର, ସଭ୍ୟ ଶରଣ ବିଶ୍ୱାଳ, କାଶୀ ବିଶ୍ୱନାଥ ସଂକୀର୍ତ୍ତନ ମହାସଂଘ ସଭାପତି ବ୍ରଜବନ୍ଧୁ ସାହୁ, ସମ୍ପାଦକ ଯୁଧିଷ୍ଠିର ନାୟକ ଏବଂ ଉଭୟ ଦଳର ସଭ୍ୟ ସହଯୋଗ କରିଥିଲେ। ପଙ୍କଜ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଗୋପାଳ ସମାଜ ବାର୍ଷିକ ଉତ୍ସବ

ମାଧପୁର,୨୨।୪

ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତ କୁନ୍ଦନାଳୀ ନିକଟ ଲାଉପାଳ ପ୍ରୋଜେକ୍ଟର ବରଗଛଠାରେ ନିଖିଳ ଉତ୍କଳ ମଗଧ ଗୋପାଳ ସମାଜ ମାଧପୁର ପୁଞ୍ଜିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁଞ୍ଜି ସଭାପତି ବିରଜା ଶଙ୍କର ଭୋଇ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ଦାନନ୍ଦ ହୋତା, ମୁଖ୍ୟବକ୍ତା ଭାବେ ବିଜୟ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ସଚ୍ଚିଦାନନ୍ଦ ମହାନ୍ତି ଯୋଗଦେଇ ସମାଜ ପାଇଁ ଗୋପାଳମାନଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ସମ୍ପାଦକ ଗଣେଶ କୁଦେଇ ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ହୃଷିକେଶ ବଗର୍ତ୍ତି, ଉପସଭାପତି ନେତ୍ରାନନ୍ଦ ମନଗୀରା, କୋଷାଧ୍ୟକ୍ଷ ସତ୍ୟାନନ୍ଦ ଭୋଇ, ଧୋବେଇ ବିଶି, ସୁରୁ ବିଶି, ଦୁର୍ଯ୍ୟୋଧନ ଷଣ୍ଢ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଗତି ପାଇଁ ଉତ୍ସର୍ଗୀକୃତ ମନୋଭାବ ଲୋଡ଼ା

କଣିହାଁ,୨୨।୪(ଡି.ଏନ.ଏ.)

### ଓଏଚ୍‌ପିସି ପ୍ରତିଷ୍ଠା ଦିବସ

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓଡ଼ିଶା ଜଳବିଦ୍ୟୁତ୍ ନିଗମର ୨୮ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ସନ୍ଧ୍ୟାରେ ରେଙ୍ଗାଳି ପ୍ରକଳ୍ପ ମଧ୍ୟସ୍ଥ ଓଏଚ୍‌ପିସି କାର୍ଯ୍ୟାଳୟ ପରିସରରେ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଓଏଚ୍‌ପିସିର ବରିଷ୍ଠ ସାଧାରଣ ପରିଚାଳକ ରୁଦ୍ରମୋହନ ନାୟକ ଯୋଗଦେଇ କର୍ମଚାରୀମାନଙ୍କ ପ୍ରଗତି ପାଇଁ ଉତ୍ସର୍ଗୀକୃତ ମନୋଭାବ କିପରି ଅପରିହାର୍ଯ୍ୟ ତାହା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଧାରଣ ପରିଚାଳକ ରଞ୍ଜନ କୁମାର ପରିଡ଼ା ଯୋଗଦେଇ ୟୁନିଟ୍‌ର ସମସ୍ତ ଯନ୍ତ୍ରୀ, ଶ୍ରମିକ କର୍ମଚାରୀଙ୍କୁ ସାରା ରାଜ୍ୟରେ ଥିବା ଜଳ ବିଦ୍ୟୁତ୍ ୟୁନିଟ୍ ମଧ୍ୟରୁ ରେଙ୍ଗାଳି ୟୁନିଟ୍‌କୁ ୧ ନଂ. ପ୍ରକଳ୍ପରେ ପରିଣତ କରିବାକୁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ସତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ବନ୍ଧ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜଗନ୍ନାଥ ପଣ୍ଡା, ରେଙ୍ଗାଳି ଥାନା ଅଧିକାରୀ ଓନାମ ଲାକ୍ରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିଗଣ ଓଏଚ୍‌ପିସି ଶ୍ରମିକ ନେତା ବିରେଶ ଚନ୍ଦ୍ର ପତି, ଡା.ନିରଞ୍ଜନ ସାମଲ, ଗୋପୀନାଥ ପ୍ରଧାନ, ସୀମାଞ୍ଚଳ ସାବତ, ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପପରିଚାଳକ ସାଗରିକା ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। ଓଏଚ୍‌ପିସିର ଉପ ସାଧାରଣ ପରିଚାଳକ ସତ୍ୟବ୍ରତ ଷଡ଼ଙ୍ଗୀ, ସହ ସାଧାରଣ ପରିଚାଳକ ପ୍ରଦୀପ ପ୍ରଧାନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଯନ୍ତ୍ରୀ, ଶ୍ରମିକ କର୍ମଚାରୀ ଯୋଗ ଦେଇଥିଲେ।




ପ୍ରତିଷ୍ଠା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

# ଧାରଣାକାରୀଙ୍କୁ ଉଠାଇନେଲା ପୋଲିସ

ଛେଣ୍ଡିପଦା,୨୨।୪(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବରପଦା ପଞ୍ଚାୟତ ଗୋପୀବଲ୍ଲଭପୁରଠାରେ ନାଲ୍‌କୋର ଉତ୍କଳ ଡି ଓ ଇ କମ୍ପାନୀ ପକ୍ଷରୁ ପ୍ରସ୍ତାବିତ ଖଣି ଅଞ୍ଚଳରେ ଘରୋଇ କମ୍ପାନୀ ଦ୍ୱାରା ଖଣି ଖନନ କାର୍ଯ୍ୟକୁ ବିରୋଧ କରି ଆନ୍ଦୋଳନ ଚଳାଇଥିବା କ୍ଷତିଗ୍ରସ୍ତଙ୍କୁ ଶନିବାର ପୋଲିସ ଉଠାଇ ନେଇ ଥାନାରେ ଅଟକ ରଖିଛି।

କ୍ଷତିଗ୍ରସ୍ତମାନଙ୍କ କହିବା ଅନୁଯାୟୀ, ନାଲ୍‌କୋର ଖଣି ଖନନ ପାଇଁ ଠିକା ନେଇଥିବା ଉକ୍ତ ଘରୋଇ କମ୍ପାନୀ ଖଣି ଅଞ୍ଚଳରେ ମାଟି ଓ କୋଇଲା ଖନନ କାର୍ଯ୍ୟ ଜାରି ରଖିଛି। କିନ୍ତୁ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ପ୍ରଜାମାନଙ୍କ ୩ ଦଫା ଦାବିକୁ କମ୍ପାନୀ କର୍ତ୍ତୃପକ୍ଷ ଏଯାଏ ପୂରଣ କରିନାହାନ୍ତି। ତେଣୁ ନାଛୋଡ କ୍ଷତିଗ୍ରସ୍ତ ପ୍ରଜାମାନେ ଖଣି ଅଞ୍ଚଳରେ ଖନନ କାର୍ଯ୍ୟକୁ ବିରୋଧ କରିବା ସହିତ ଧାରଣାରେ ବସି ରହିଥିଲେ। ଏସବୁ ସମସ୍ୟାର ସମାଧାନ ପାଇଁ ପ୍ରଶାସନିକ ଅଧିକାରୀମାନେ ବୁଝାଶୁଝା ପାଇଁ ଉଦ୍ୟମ କରଥିଲେ ମଧ୍ୟ କୋଣସି ନିଷ୍କର୍ଷ ବାହାରିପାରି ନ ଥିଲା। ଏପରିକି ଛେଣ୍ଡିପଦା ତହସିଲଦାର କ୍ଷତିଗ୍ରସ୍ତ ପ୍ରଜା ଖଣି କାର୍ଯ୍ୟକୁ ବନ୍ଦ ନ କରି ଉପଜିଲାପାଳଙ୍କ ସହିତ ଆଲୋଚନା କରିବା ପାଇଁ ପ୍ରସ୍ତାବ ଦେଇଥିଲେ। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ଜମିହରାଙ୍କ ୩ ଦଫା ଦାବି ପୂରଣ ନ କରି ହଜାର ହଜାର ଟନ କୋଇଲା ଖନନ କରି ଗୋଟିଏ ସ୍ଥାନରେ ରଖୁଛନ୍ତି। ବର୍ତ୍ତମାନ ସୁଦ୍ଧା ଜମିହରା ପ୍ରଜା ତାଙ୍କର କ୍ଷତିପୂରଣ ରାଶି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଇପାରିନାହାନ୍ତି କିମ୍ବା ନାଲକୋ କମ୍ପାନୀ ଏପର୍ଯ୍ୟନ୍ତ କୌଣସି କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି ପ୍ରଦାନ କରିନାହାନ୍ତି। ଯେ ପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି ସେ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି କ୍ଷତିଗ୍ରସ୍ତମାନେ ଜିଦ ଧରି ବସିଥିଲେ। ପୋଲିସ ଓ ପ୍ରଶାସନ ଧାରଣାକାରୀଙ୍କୁ ବୁଝାଶୁଝା କରିବାରେ ବିଫଳ ହେବାରୁ ପ୍ରାୟ ୪୦ ଜଣ ମହିଳା ପୁରୁଷଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖିଥିବା ସୂଚନା ମିଳିଛି।



ପୋଲିସ ଧାରଣାକାରୀମାନଙ୍କୁ ଉଠାଇ ନେଉଛି।

